

ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆର୍‌ଏସ୍‌ଏସର ବୈଠକ, କନଫରେନ୍ସ ହଲ, କ୍ୟାମ୍ପସ-୨, ସୋଆ ବିଶ୍ୱବିଦ୍ୟାଳୟ, ସକାଳ ୮ଟା ୩୦।
- କୃଷି ଏବଂ ଖାଦ୍ୟ ଉତ୍ପାଦନ ବିଭାଗ ପକ୍ଷରୁ ଖାଦ୍ୟ ଶସ୍ୟ ଉପରେ ଜାତୀୟ କର୍ମଶାଳା, କୃଷି ଭବନ, ସକାଳ ୯ଟା ୩୦।
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ, ବିଜେଡି ରାଜ୍ୟ କାର୍ଯ୍ୟାଳୟ, ୟୁନିଟ-୬, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଏଫସି ଫୁଟବଲ ଦଳର ଜର୍ସି ଉନ୍ମୋଚନ ଉତ୍ସବ, ପଦ୍ମଜା ପ୍ରିମିୟମ ହୋଟେଲ, ଅପରାହ୍ନ ୪ଟା।
- ଗଜଲକ୍ଷ୍ମୀ ସଂସ୍କୃତି ସଂଘ ଓ ଜୟ ଓଡ଼ିଶା ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ଖାରବେଳ ନଗର, ୟୁନିଟ-୩, ଅପରାହ୍ନ ୫ଟା ୩୦।
- ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡେମୀ ପକ୍ଷରୁ କୁମାର ଉତ୍ସବ ଓ ଗୁରୁ ସହଦେବ ପାତ୍ରୀ ମେମୋରିଆଲ ଆୱାର୍ଡ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ଓଁ ମା ଗଜଲକ୍ଷ୍ମୀ ପୂଜା ସମିତି ପକ୍ଷରୁ ଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଲକ୍ଷ୍ମୀସାଗର ମେଳନ ପଡ଼ିଆ, ସନ୍ଧ୍ୟା ୭ଟା।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଶ୍ରୀଜଗନ୍ନାଥ ଚେତନା, ସୂଚନା ଭବନ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଶ୍ରୀ ନିକୁଞ୍ଜବିହାରୀ ଦେବଙ୍କ ସ୍ଥାପନର ଶତବାର୍ଷିକ ଉତ୍ସବରେ ଭବବତ ପ୍ରବଚନ, ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର, ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲିଅନ୍ତା ବଜାର, ସନ୍ଧ୍ୟା ୭ଟା।

**ନିମାପଡ଼ା**

- ଲିଟିଲ ଷ୍ଟାଣ ଗ୍ରୁପ ପକ୍ଷରୁ ୧୮ତମ କୁମାର ଉତ୍ସବ ଓ ସାଂସ୍କୃତିକ ସମାରୋହ, ଦେବୀମଣ୍ଡପ ପଡିଆ, ସନ୍ଧ୍ୟା ୬ଟା।

**ବଡ଼ମ୍ବା**

- ଜଗନ୍ନାଥ କ୍ଲବ୍ କନ୍ତପଡ଼ା ପକ୍ଷରୁ ନାଟକ ପରିବେଷଣ, କନ୍ତପଡ଼ା ଖେଳପଡ଼ିଆ, ରାତି ୧୦ଟା।

## ନନ୍ଦନକାନନକୁ ଆସିବ ଆନାକୋଣ୍ଡା, ନୀଳବର୍ଣ୍ଣ କୁମ୍ଭୀର




ବାରଙ୍ଗ,୧୫।୧୦(ଡି.ଏନ.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ମହାବଳ ଧଳା ବାଘ ଶୁଭ୍ରାଂଶୁର ମୃତ୍ୟୁ ଖବର ମ୍ରିୟମ୍ରାଣ ହୋଇଥିବାବେଳେ ଅନ୍ୟପଟେ ଆନାକୋଣ୍ଡା ଓ ନୀଳବର୍ଣ୍ଣ କୁମ୍ଭୀର ଆସିବା ଖବର ନିଶ୍ଚିନ୍ତ ହେବା ଖୁସିର ମାହୋଲ ହୋଇଉଠିଛି। ଏଥିନିମନ୍ତେ ବୁଧବାର ସକାଳେ ପର୍ଯ୍ୟଟନ ପରିଚାଳନା ଦାୟିତ୍ୱରେ ଥିବା ଏସିଏଫ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଡା.ଦେବବ୍ରତ ମହାପାତ୍ର, ରାମଚନ୍ଦ୍ର କାଣ୍ଡି, ପଠାଣି ଜେନାଙ୍କୁ ନେଇ ଗଠିତ ଚାରିଜଣିଆ ଦଳ ଚେନ୍ନାଇ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଏହି ଟିମ ମାଡ୍ରାସ କ୍ରୋକୋଡାଇଲ ବ୍ୟାଙ୍କ ଟ୍ରଷ୍ଟରୁ ୪ଟି ଆନାକୋଣ୍ଡା ଓ ୩ଟି ନୀଳବର୍ଣ୍ଣ କୁମ୍ଭୀର ସାଙ୍ଗରେ ଧରି ୨୦ତାରିଖ ରାତି କିମ୍ବା ୨୧ ସକାଳେ ନନ୍ଦନକାନନରେ ପହଞ୍ଚିବେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଅଗଷ୍ଟ ଶେଷସୁଦ୍ଧା ଚଳିତବର୍ଷରେ ୩ଟି ପର୍ଯ୍ୟାୟରେ ଏହି ପଶୁପକ୍ଷୀ ଆସିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। କିନ୍ତୁ ଆଣିବାକୁ ଯିବା ପ୍ରକ୍ରିୟା ଅଗଷ୍ଟ ୧ରୁ ଆରମ୍ଭ ହୋଇ ୧୪ରେ ଶେଷହେବାର ନିଷ୍ପତ୍ତି ହୋଇଥିଲା। ୧ରେ ଦୁଇଜଣିଆ ଟିମ ଅଦଳବଦଳ ପ୍ରକ୍ରିୟାରେ ଜିରାଫ ଆଣିବାପାଇଁ ମହୀଶୂର ଯାଇ ଖାଲିହାତରେ ଫେରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅଦଳବଦଳ ପ୍ରକ୍ରିୟାରେ ମଧ୍ୟପ୍ରଦେଶର ଇନ୍‌ଡର ଚିଡିଆଖାନାକୁ ଧୂସର ଗଧିଆ ଓ କୋକିଶିଆଳି ନେଇ ରେଞ୍ଜ ଅଫିସର କୁମର ବେହେରାଙ୍କ ନେତୃତ୍ୱରେ ଯାଇଥିବା ୬ଜଣିଆ ଟିମ ଫେରିଥିଲେ। ତୃତୀୟ ପର୍ଯ୍ୟାୟର ଉପହାରରେ ମାଡ୍ରାସରୁ ମିଳିବାକୁ ଥିବା ଆନାକୋଣ୍ଡା ଓ ନୀଳବର୍ଣ୍ଣ କୁମ୍ଭୀର ଆଣିବା ପ୍ରକ୍ରିୟା ୧୪ ତାରିଖ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଏହା ଆଗେଇପାରି ନ ଥିଲା। ବନ୍ୟା ଓ ହର୍ପିସ ଭାଇରସ ଯୋଗୁ ଏହି ନୂଆ ପଶୁପକ୍ଷୀକୁ ଆଣିବାରେ ବାଧକ ସାଜିଥିଲା। ଏହାପରେ ଦଶହରାରେ ଆନାକୋଣ୍ଡା ଓ ନୀଳବର୍ଣ୍ଣ କୁମ୍ଭୀର ଆଣି ପର୍ଯ୍ୟଟକଙ୍କ ପାଇଁ ଦଶହରା ଭେଟି ହେବ ବୋଲି ଆଲୋଚନା ହେଉଥିଲେ ତାହା ବସ୍ତବରେ ଘଟି ନ ଥିଲା।

# ଉତ୍ଖନନ ପରେ ଭୁଲିଗଲେ

ସସ୍ମିତା ପାଇକରାୟ
ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

କେବଳ ଉପକୂଳ ନୁହେଁ, ଆଭ୍ୟନ୍ତରୀଣ ଓଡ଼ିଶାରେ ବି ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଘଟିଥିଲା। ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଆଦି ଜିଲାରେ ବୌଦ୍ଧ ଧର୍ମାବଲମ୍ବୀ ବସବାସ କରିବା ସହ ବୁଦ୍ଧଙ୍କ ମୂର୍ତ୍ତି ପୂଜାର୍ଚ୍ଚନା କରୁଥିଲେ। ଭୁବନେଶ୍ୱରସ୍ଥିତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)ର ଉତ୍ଖନନ ଶାଖା ଏଭଳି ତଥ୍ୟ ହାସଲ କରିଥିଲା। ତେବେ ପ୍ରଚାର ପ୍ରସାର ଅଭାବରେ ଏ ସବୁ ତଥ୍ୟ ଲୋକଲୋଚନକୁ ଆସିପାରି ନାହିଁ। ଉଦାହରଣସ୍ୱରୂପ ଅନୁଗୋଳ ଜିଲା ତାଳଚେର ନିକଟ ଝଡ଼ିଅମ୍ବା ଗ୍ରାମରେ ଉତ୍ଖନନ କରିବା ପରେ କିଛି କୀର୍ତ୍ତିରାଜିର ସନ୍ଧାନ ମିଳିଥିଲା, ଯାହା ଆଜି ମଧ୍ୟ ଲୁକ୍କାୟିତ ଅବସ୍ଥାରେ ରହିଛି। କାରଣ ଉତ୍ଖନନ କରି ଏଏସ୍‌ଆଇ ନିଜର କାମ ସାରି ଦେଇଥିବାବେଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହାର ପ୍ରଚାର ପ୍ରସାର ନ କରି ହାତ ବାନ୍ଧି ବସିଛି। ତେବେ ୯୦ ଦଶକ ଓ ପରବର୍ତ୍ତୀ ସମୟରେ ଲଳିତଗିରି, ଉଦୟଗିରି, ରତ୍ନଗିରି ଏବଂ ଲାଙ୍ଗୁଡ଼ିରେ ଉତ୍ଖନନ ପରେ ଏହାକୁ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବା ସହ ଏହାର ବିକାଶ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ଏବେ ଏଏସ୍‌ଆଇ ଦ୍ୱାରା ଉତ୍ଖନନ ପରେ ବିଭାଗ କୌଣସି ପ୍ରକାର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିନାହିଁ।












ଅସୁରଗଡ଼

### ଅସୁରଗଡ଼ରେ ୨୩୦୦ବର୍ଷ ପ୍ରାଚୀନ ସଭ୍ୟତାର ଉପସ୍ଥିତି

କଳାହାଣ୍ଡି ଜିଲା ନର୍ଲା ନିକଟସ୍ଥ ଅସୁରଗଡ଼ରେ ପ୍ରତ୍ନତାତ୍ତ୍ୱିକ ଉତ୍ଖନନ ସମୟରେ ୨୩୦୦ ବର୍ଷ ପ୍ରାଚୀନ ସଭ୍ୟତାର ଅଭ୍ୟୁଦୟ ଦେଖିବାକୁ ମିଳିଥିଲା। ଶିଶୁପାଳଗଡ଼ଠାରୁ ମଧ୍ୟ ଏହା ପ୍ରାଚୀନ ସଭ୍ୟତା ବୋଲି ଏଏସ୍‌ଆଇ ପକ୍ଷରୁ ସୂଚନା ଦିଆଯାଇଥିଲା। ଅସୁରଗଡ଼ ଉତ୍ଖନନସ୍ଥଳୀରୁ ମୌର୍ଯ୍ୟ ସାମ୍ରାଜ୍ୟ ସମୟର ୫ଟି ରୌପ୍ୟମୁଦ୍ରା ଆବିଷ୍କୃତ ହୋଇଥିଲା। ମୌର୍ଯ୍ୟ ବଂଶର ସମସାମୟିକ ବ୍ୟବସାୟ ସମ୍ପର୍କରେ ସୂଚନା ମିଳିଥିବାବେଳେ ଏଠାରୁ ୭ଟି ଗୋଲାକାର, ଅର୍ଦ୍ଧ ବୃତ୍ତାକାର, ଆୟତାକାର ଘର ଆବିଷ୍କାର କରାଯାଇଥିଲା। ସେହିପରି ଲୌହଚକ୍ର ଓ ଦୁଇଟି ଲୌହ ତୀର ସହିତ ଗୋଡ଼ମୁଦି, ମୋତି, ଜାସ୍‌ପର, କାନଫୁଲ, ଆଦି ମଧ୍ୟ ଉତ୍ଖନନ ବେଳେ ମିଳିଥିଲା। ମାତ୍ର ଉତ୍ଖନନ ପରେ କିନ୍ତୁ ଏହି ଅଞ୍ଚଳର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱ ଦିଆଗଲା ନାହିଁ।

କେବଳ ବୌଦ୍ଧ କୀର୍ତ୍ତିରାଜି ନୁହେଁ, ଓଡ଼ିଶାର ଅନେକ ସ୍ଥାନରେ ଅନେକ ପ୍ରାଚୀନ କୀର୍ତ୍ତିରାଜି ଓ ଶିଳାଲେଖ ମିଳିଥିଲେ ମଧ୍ୟ ସେଗୁଡ଼ିକର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ବିଭାଗର ନିଘା ନାହିଁ। ଯାହାର ପ୍ରମୁଖ ଉଦାହରଣ ହେଉଛି ରାଜଧାନୀ ଉପକଣ୍ଠରେ ଥିବା ଶିଶୁପାଳଗଡ଼। ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ୪ର୍ଥ ଶତାବ୍ଦୀ ମଧ୍ୟରେ ଗଢ଼ିଉଠିଥିବା ଶିଶୁପାଳଗଡ଼ରେ ପୁରାତନ ସଭ୍ୟତାର ସନ୍ଧାନ ମିଳିଥିଲେ ମଧ୍ୟ ତାହାର ରକ୍ଷଣାବେକ୍ଷଣ କରାଯାଉନାହିଁ। ଏହି ଐତିହ୍ୟ ସହର ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ଥିବାବେଳେ ଏଠାର କୀର୍ତ୍ତିରାଜି କ୍ରମାଗତ ଧ୍ୱଂସ ହେବାରେ ଲାଗିଛି। ଯେଉଁଠି ତାମିଲନାଡୁରେ ଥିବା ମାମଲ୍ଲାପୁରମ୍ ଭଳି ସହର ଏହାର ପୁରାତନ କୀର୍ତ୍ତିରାଜିକୁ ବିଶ୍ୱ ଦରବାରରେ ଉପସ୍ଥାପନ କରି ଲକ୍ଷାଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ସେଠାରେ ଖୋଦ୍ ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ଏତିହ୍ୟସ୍ଥଳୀ କିନ୍ତୁ ପର୍ଯ୍ୟଟକଙ୍କ ଅଗୋଚରରେ ରହିଯାଉଛି।

### ଓଡ଼ିଶାରେ ବୌଦ୍ଧ ଐତିହ୍ୟସ୍ଥଳୀର ବ୍ୟାପକ ଉପସ୍ଥିତି

ଓଡ଼ିଶାର ରାଧାନଗର, ତାମ୍ପଡା, ଅସୁରଗଡ଼ ଓ ବୁଢ଼ୀଗଡ଼ରେ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଉତ୍ଖନନ, ଶିଳାଲେଖ ଓ ସଂରକ୍ଷଣରୁ ବୌଦ୍ଧ ଧର୍ମ ସମ୍ପର୍କରେ ବ୍ୟାପକ ତଥ୍ୟ ମିଳିଥିଲା। ଅରାଗଡ଼, ଧଉଳି ଓ ଗଞ୍ଜାମର ଜଉଗଡ଼ରୁ ମିଳିଥିବା ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ ତଥା ବୌଦ୍ଧମୂର୍ତ୍ତି, ତାମ୍ର ମୁଦ୍ରା, ଶିଳାଲେଖ ଆଦିରୁ ଓଡ଼ିଶାର ସହରୀ ସଭ୍ୟତା ଖ୍ରୀଷ୍ଟପୂର୍ବ ୪ ଶହ ଶତାବ୍ଦୀରୁ ଗଢ଼ି ଉଠିଥିବା ସୂଚନା ମିଳିଛି। ଓଡ଼ିଶାରେ ସହରୀ ସଭ୍ୟତା ଗଢ଼ି ଉଠିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୌଦ୍ଧ ଧର୍ମ। ତତ୍‌କାଳୀନ ସମୟରେ ବୌଦ୍ଧ ଧର୍ମ ଏସିଆରୁ ଦକ୍ଷିଣ ପୂର୍ବ ଏସିଆ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଫଳରେ ଏହି ଅଞ୍ଚଳ ମଧ୍ୟରେ ବୌଦ୍ଧସ୍ଥଳୀମାନ ଗଢ଼ି ଉଠିଥିଲା। ବୌଦ୍ଧ ସନ୍ନ୍ୟାସୀମାନେ ଧର୍ମର ପ୍ରଚାର ପ୍ରସାର କରିବାସହ ବସତି ସ୍ଥାପନ କରିଥିଲେ। ଏହାର ପ୍ରଭାବରେ ସେଠାରେ ଧୀରେ ଧୀରେ ବାଣିଜ୍ୟିକ କାରବାର ଗଢ଼ି ଉଠୁଥିଲା ବୋଲି ପ୍ରତ୍ନତାତ୍ତ୍ୱିକ ତଥା ବୌଦ୍ଧ ଗବେଷକମାନେ ମତପ୍ରକାଶ କରିଛନ୍ତି।

### ଚନ୍ଦକା-ଡମପଡ଼ାରେ ପୁରାତନ ଶିଳାଲିପି

ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଭିତରେ ପୁରାତନ ଶିଳାଲିପିର ସନ୍ଧାନ ମିଳିଥିଲା। ୩ମାସ ଧରି ଏଏସ୍‌ଆଇ ଅଧିକାରୀମାନେ ଏହି ଅଞ୍ଚଳରେ ଅନୁଧ୍ୟାନ କରିବା ପରେ ରିପୋର୍ଟ ପ୍ରସ୍ତୁତ କରି ଜଙ୍ଗଲ ଓ ପରିବେଶ ବିଭାଗକୁ ଦେଇଥିଲେ। ତେବେ ଏହାପରେ ମଧ୍ୟ ଉକ୍ତ ସ୍ଥାନକୁ ପର୍ଯ୍ୟଟନସ୍ଥଳୀଭାବେ ବିକଶିତ କରିବାକୁ ପଦକ୍ଷେପ ନିଆଗଲା ନାହିଁ।

### ଭାରତୀହୁଡାର ସୂର୍ଯ୍ୟ ଉପାସନା ପରମ୍ପରା

୩ ହଜାର ବର୍ଷ ପୂର୍ବରୁ ଓଡ଼ିଶାରେ ସୂର୍ଯ୍ୟ ଉପାସନା ରହିଆସିଛି। କୋଣାର୍କ ସୂର୍ଯ୍ୟ ମନ୍ଦିର ଓଡ଼ିଶାରେ ସୂର୍ଯ୍ୟ ଉପାସନା ପରମ୍ପରାକୁ ପ୍ରମାଣ କରୁଥିବାବେଳେ ଏହା ନିର୍ମାଣ ହେବାର ବହୁ ପୂର୍ବରୁ କିନ୍ତୁ ଏଠାରେ ଲୋକେ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରୁଥିଲେ। ପ୍ରାଚୀ ନଦୀ ଅବବାହିକାରେ ଯେବେଠାରୁ ମନୁଷ୍ୟ ସଭ୍ୟତା ଆରମ୍ଭ ହୋଇଥିଲା ସେଠାକାର ଆଦିମ ଅଧିବାସୀମାନେ ସୂର୍ଯ୍ୟଙ୍କୁ ପୂଜା କରିଆସୁଥିଲେ। କେବଳ ଏତିକି ନୁହେଁ ଚନ୍ଦ୍ରଭାଗାରେ ଏବେ ଯେଉଁ ପ୍ରସିଦ୍ଧ ମାଘ ସପ୍ତମୀ ବୁଡ଼ ଅନୁଷ୍ଠିତ ହେଉଛି ତାହା ସେହି ସମୟରୁ ହୋଇଆସୁଥିବା ଅନୁମାନ କରାଯାଉଛି। ଖ୍ରୀଷ୍ଟପୂର୍ବ ୧୦୯୯ ବେଳକୁ ଓଡ଼ିଶାରେ ସୂର୍ଯ୍ୟ ଉପାସନା ହେଉଥିବା ନେଇ ଏଏସ୍‌ଆଇକୁ ବୈଜ୍ଞାନିକ ପ୍ରମାଣ ମିଳିଥିଲା। ନିଆଳ ନିକଟ ପ୍ରାଚୀ ନଦୀ କୂଳ ଭାରତୀହୁଡାରେ କରାଯାଇଥିବା ଉତ୍ଖନନରୁ ଏଏସ୍‌ଆଇକୁ ବହୁବିରଳ ସାମଗ୍ରୀର ସନ୍ଧାନ ମିଳିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ଲୋକ ଆଢୁଆଳରେ ରହିଯାଇଛି।




# ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ସରଳୀକରଣ ହେବ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ରାଜ୍ୟର ୩୦ଟି ଯାକ ଜିଲାରେ ସମନ୍ୱିତ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ସରଳୀକରଣ କରାଯିବ। ଅନ୍ତର୍ଜାତୀୟ ଧଳାବାଡ଼ି ଦିବସ ଅବସରରେ ଏନେଇ ସୂଚନା ଦେଇଛନ୍ତି ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ମଙ୍ଗଳବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ କହିଛନ୍ତି, ଧଳାବାଡ଼ି ଦୃଷ୍ଟିବାଧିତଙ୍କ ସ୍ୱଚ୍ଛନ୍ଦ ଯାତାୟାତ ଓ ସ୍ୱାବଲମ୍ବନଶୀଳତା ପାଇଁ ଉଦ୍ଦିଷ୍ଟ। ସେମାନଙ୍କ ସୁରକ୍ଷା ଓ ସ୍ୱାଧୀନତାର ପ୍ରତୀକ ଭାବେ ଧଳାବାଡ଼ି ସହାୟକ ହୋଇଛି ବୋଲି ମନ୍ତ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ।

ଦୃଷ୍ଟିବାଧିତଙ୍କ ଉଲ୍ଲେଖନୀୟ କୃତିତ୍ୱକୁ ସମ୍ମାନ ଦେବା ସହ ଧଳାବାଡ଼ିର ମର୍ଯ୍ୟାଦାକୁ ସର୍ବସାଧାରଣରେ ପ୍ରତିଷ୍ଠିତ କରିବା ନିମନ୍ତେ ମିଳିତ ଜାତିସଂଘ ଦ୍ୱାରା ୧୯୯୧ରୁ ଅନ୍ତର୍ଜାତୀୟ ଧଳାବାଡ଼ି ଦିବସ ପାଳନ କରାଯାଇଥାଏ । ଧଳାବାଡ଼ି ଦୃଷ୍ଟିବାଧିତଙ୍କ ହାତ ଓ ବାହୁକୁ ସଶକ୍ତ କରେ। ଫଳରେ ସେମାନେ ଯେକୌଣସି ପରିସ୍ଥିତିକୁ ଶୀଘ୍ର ଓ ବିଶ୍ୱାସର ସହିତ ସାମ୍ନା କରିପାରନ୍ତି ବୋଲି ଉପସ୍ଥିତ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପାରାଦୀପ ଫସ୍‌ଫେଟସ୍ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ସୁଜିତ ମିଶ୍ର, କାର୍ଯ୍ୟକ୍ରମର ସହଯୋଗୀ ଅନୁଷ୍ଠାନ ଆନନ୍ଦ ଚାରିଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ମହାନ୍ତି, ବିଚ୍ଛନ୍ଦ ୱେଲ୍‌ଫେୟାର ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ପ୍ରକାଶ ଚନ୍ଦ୍ର ମହାପାତ୍ର, ସୌଭାଗ୍ୟ ରାଉତରାୟ ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସାମାଜିକ ସୁରକ୍ଷା ଅଧିକାରୀ ସନ୍ନ୍ୟାସୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହମ୍ମଦ ଇମ୍ରାନ୍ ଅଲ୍ଲୀଙ୍କ ରଚିତ ବ୍ରେଲି ପୁସ୍ତକ 'ମିଶନ: ଆନସର୍ ଟୁ କ୍ୟାନସର୍' ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ମନ୍ତ୍ରୀ ପଣ୍ଡା ଦୃଷ୍ଟିବାଧିତମାନଙ୍କୁ ଧଳାବାଡ଼ି ବିତରଣ କରିଥିବାବେଳେ ଏହି ଅବସରରେ ଏକ ଧଳାବାଡ଼ି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

### ଅନ୍ତର୍ଜାତୀୟ ଧଳାବାଡ଼ି ଦିବସ




ଭୁବନେଶ୍ୱର ବୁଦ୍ଧମନ୍ଦିରରୁ ବାହାରିଥିବା ଧଳାବାଡ଼ି ସଚେତନତା ଶୋଭାଯାତ୍ରା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ନରେଶ



ପିଣ୍ଟୁ



ମହେଶ



ବିଶ୍ୱରଞ୍ଜନ



ପ୍ରସନ୍ନ



ମହେନ୍ଦ୍ର



ବିଶ୍ୱଜିତ୍



କେଦାରନାଥ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୬ ଅକ୍ଟୋବର, ୨୦୧୯



ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ
ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ



## ସଂକ୍ଷେପରେ

### 'ମୋ ବସ୍' ଯାତ୍ରୀ ସଂଖ୍ୟା ଲକ୍ଷେ ଛୁଇଁଲା

ଭୁବନେଶ୍ୱର,୧୫।୧୦(ବ୍ୟୁରୋ): ଗୋଟିଏ ଦିନରେ 'ମୋ ବସ୍' ଯାତ୍ରୀ ସଂଖ୍ୟା ଏକ ଲକ୍ଷ ଛୁଇଁଲା। ସୋମବାର 'ମୋ ବସ୍'ରେ ୧୦୧୮୮୧ ଜଣ ଯାତ୍ରୀ ଯାତ୍ରା କରିଥିଲେ। ଯାହା 'ମୋ ବସ୍' ଆରମ୍ଭ ହେବା ଦିନଠାରୁ ସର୍ବକାଳୀନ ରେକର୍ଡ। ଏହା ଦ୍ୱାରା 'ମୋ ବସ୍' ସହର ଭିତରେ ମୁଖ୍ୟ ଯୋଗାଯୋଗ ମାଧ୍ୟମ ବନିଛି ବୋଲି ପରିଚାଳନା ସଂସ୍ଥା କ୍ରୁଟ ପକ୍ଷରୁ କୁହାଯାଇଛି। ଦୈନିକ 'ମୋ ବସ୍'ରେ ୭୦ ହଜାରରୁ ୮୦ ହଜାର ଯାତ୍ରୀ ଯାତ୍ରା କରିଥାନ୍ତି। ନୂଆ ମୋଟରଯାନ ଆଇନ ଲାଗୁ ହେବା ପରେ ଅପ୍ରତ୍ୟାଶିତ ଭାବେ ଏହି ସଂଖ୍ୟାରେ ବୃଦ୍ଧି ପାଇ ସେପ୍ଟେମ୍ବର ମାସରେ ୯୪ ହଜାର ଓ ୯୭ ହଜାରରେ ପହଞ୍ଚିଥିଲା। ଦୈନିକ ବୃଦ୍ଧି ପାଉଥିବା ଯାତ୍ରୀ ସଂଖ୍ୟାକୁ ନେଇ ଖୁସି ଜାହିର କରିଛି କ୍ରୁଟ୍। ଫନି ବାତ୍ୟା ପରେ ମେ ମାସରେ ଯାତ୍ରୀଙ୍କ ସଂଖ୍ୟା ବହୁତ କମିଥିଲା। ଦୈନିକ ୩୦ରୁ ୩୫ ହଜାର ଯାତ୍ରୀ ଗମନାଗମନ କରୁଥିଲେ। ଫଳରେ ରାଜସ୍ୱ ମଧ କମି ୫ ଲକ୍ଷରେ ପହଞ୍ଚିଥିଲା। ୩ ମାସର ଅବିରତ ପରିଶ୍ରମ ଆମକୁ ଏହି ସୁଫଳ ଦେଇଛି ବୋଲି ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର କହିଛନ୍ତି। ଲକ୍ଷ୍ୟ ଧାର୍ଯ୍ୟ ସମୟର ଦୁଇ ମାସ ଆଗରୁ ସ୍ୱପ୍ନ ସତ ହୋଇଛି ବୋଲି ଦୀପ୍ତି କହିଛନ୍ତି। ଡିସେମ୍ବର ସୁଦ୍ଧା 'ମୋ ବସ୍'ରେ ଭୁବନେଶ୍ୱର, ଖୋର୍ଦ୍ଧା କଟକ ଭିତରେ ଏକ ଲକ୍ଷ ଯାତ୍ରୀ ଛୁଇଁବାକୁ ଏକ ଟାର୍ଗେଟ ସ୍ଥିର କରାଯାଇଥିଲା। ହେଲେ 'ମୋ ବସ୍' ସେବାର ବର୍ଷେ ପୂରିବା ପୂର୍ବରୁ ଲକ୍ଷ ହାସଲ ହୋଇଛି ବୋଲି କ୍ରୁଟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ୨୦୦ଟି ବସ୍ ଚାଲୁଥିବା ବେଳେ ଆଗକୁ ଆହୁରି ୫୦ଟି ପୁରୁଣା ବସ୍ ଏଥିରେ ସାମିଲ ହେବ। ୩୦ଟି କଟକ, ବାଲେଶ୍ୱର ୧୦ ଓ ଭୁବନେଶ୍ୱରରେ ୧୦ଟି ବସ୍ ଚାଲିବ ବୋଲି କୁହାଯାଇଛି।

### ୫୨ ଗ୍ରାମ ବ୍ରାଉନ ସୁଗାର ଜବତ: ୩ ଗିରଫ

ପୁରୁଣା ଭୁବନେଶ୍ୱର, ୧୫।୧୦(ବ୍ୟୁରୋ): ଏୟାରପୋର୍ଟ ଥାନା ଅଧୀନ ପଳାଶପଲ୍ଲୀ ଓଭରବ୍ରିଜ୍ ତଳେ ବ୍ରାଉନ ସୁଗାର ବିକ୍ରି କରୁଥିବା ୩ଜଣ ବ୍ୟବସାୟୀଙ୍କୁ ଧରିଛି କ୍ୟୁଏଟି। ସେମାନଙ୍କଠାରୁ ୫୨.୨୩ ଗ୍ରାମର ବ୍ରାଉନ ସୁଗାର, ୩ହଜାର ଟଙ୍କା ଏବଂ ଗୋଟିଏ ବାଇକ ଜବତ ହୋଇଛି। ଗିରଫ ୩ଜଣ ବେପାରୀ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ରାଜପୁର ବସ୍ତିର ଏସ୍.କେ. ଅଶରଫ୍(୩୬), ଏସ୍.କେ. ରହିମ (୨୫) ଏବଂ ଗଞ୍ଜାମ ଜିଲା ଆମ୍ବପୁଆ ଗ୍ରାମର ଚିତ୍ତରଞ୍ଜନ ଦଳାଇ(୨୫)। ଏମାନଙ୍କ ବିରୋଧରେ କେସ୍ ନଂ-୧୭୪/୧୯ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହି ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୩ଜଣ ବ୍ୟବସାୟୀ ବାଲେଶ୍ୱରରୁ ବ୍ରାଉନ ସୁଗାର ଆଣି ରାଜଧାନୀରେ ବିକ୍ରି କରନ୍ତି। ସେମାନେ ୩ ଦିନ ତଳେ ବ୍ରାଉନ ସୁଗାର ବିକିବାକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ପଳାଶପଲ୍ଲୀ ଓଭରବ୍ରିଜ ତଳେ ଏକ ଗାଡ଼ି ଉପରେ ବସି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ କ୍ୟୁଏଟି ଏବଂ ଏୟାରପୋର୍ଟ ପୋଲିସ ମିଳିତ ଭାବେ ଚଢାଉ କରି ୩ଜଣଙ୍କୁ ଧରିଥିଲେ। ସେମାନଙ୍କୁ ଯାଞ୍ଚ କରିବାରୁ ବ୍ରାଉନ ସୁଗାର ମିଳିଥିଲା।

# ଜବରଦଖଲ ଉଚ୍ଛେଦ ପାଇଁ ସର୍ଭେ ଆରମ୍ଭ




ପୁରୁଣା ଭୁବନେଶ୍ୱର, ୧୫। ୧୦ (ଡି.ଏନ.ଏ.)

ପୁରୀ ଶ୍ରୀମନ୍ଦିର ଭଳି ଏକାମ୍ର କ୍ଷେତ୍ର ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ହଟାଯିବ। ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନାମାନ ହେବ। ଅଧିକରୁ ଅଧିକ ପର୍ଯ୍ୟଟକ ଆସିବେ। ଏହି ଐତିହ୍ୟ କ୍ଷେତ୍ରକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବାକୁ ପ୍ରଥମେ ମନ୍ଦିର ଚତୁଃପାର୍ଶ୍ୱରୁ ଏବଂ ଠାକୁରଙ୍କ ବିଭିନ୍ନ ଅଞ୍ଚଳରେ ଥିବା ଜମି ଜବରଦଖଲ ଉଚ୍ଛେଦ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଉଦ୍ୟମ ମଙ୍ଗଳବାର ଆରମ୍ଭ ହୋଇଛି, ଯାହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ, ପୂର୍ବାହ୍ନ ୧୦ଟାରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଅଧିକାରୀ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅଧିକାରୀ, ବିଏମ୍‌ସି, ବିଡ଼ିଏ, ଜିଏର ପ୍ରମୁଖ ଅଧିକାରୀମାନେ ମନ୍ଦିର ସମ୍ମୁଖରୁ ୩୧୬ ନମ୍ବର ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଗ୍ୟାରେଜ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱ ମାପଚୁପ କରିଥିଲେ। ବେଆଇନ ଭାବେ ଏହି ଅଞ୍ଚଳରେ ଗଢି ଉଠିଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନର ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ଚିହ୍ନ ଦେଇଥିଲେ। କେଉଁଠି ଶ୍ରୀଲିଙ୍ଗରାଜଙ୍କ ଜମିରେ ତ କେଉଁଠି ସରକାରୀ ଜମିରେ ଏହି ବେଆଇନ ନିର୍ମାଣ ହୋଇଥିବା ଜଣାପଡିଥିଲା। ପରେ ମନ୍ଦିର ଚତୁଃପାର୍ଶ୍ୱ କୋଟିତୀର୍ଥ ଲେନ, ବିନ୍ଦୁସାଗର ଚତୁଃପାର୍ଶ୍ୱରେ ଥିବା ଜବରଦଖଲକୁ ଚିହ୍ନଟ କରାଯାଇଥିଲା।

### ଜବରଦଖଲ ଉଚ୍ଛେଦ ହେଲେ ପର୍ଯ୍ୟଟକ ଆକୃଷ୍ଟ ହେବେ



ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଭଲ କଥା। ଏଥିରେ ପାତରଅନ୍ତର କରା ନ ଯାଉ। ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ସହ କୋଟିତୀର୍ଥ ଲେନ୍‌ର ଉଭୟପାର୍ଶ୍ୱରେ ଥିବା ବେଆଇନ ନିର୍ମାଣ ଓ ଜବରଦଖଲ ଉଚ୍ଛେଦ କରିବା ଦରକାର। ଏହାଦ୍ୱାରା ପୁରୀ ଭଳି ଏହି ସ୍ଥାନର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ।

**–ଦିଲୀପ କୁମାର ମହାପାତ୍ର, ସ୍ଥାନୀୟ ବାସିନ୍ଦା**

### ଉଚ୍ଛେଦ ପ୍ରକ୍ରିୟା ପଦକ୍ଷେପ ସ୍ୱାଗତଯୋଗ୍ୟ



ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ୮୦୦ ବେଆଇନ ଘର ଓ ୩୦୦ ଦୋକାନ ରହିଛି। ଜବରଦଖଲରେ ଜନପ୍ରତିନିଧି, ପ୍ରଭାବଶାଳୀ ବ୍ୟକ୍ତି, ଗଣମାଧ୍ୟମ ବ୍ୟକ୍ତି ଯିଏ ବି ଥାନ୍ତୁ, ସମସ୍ତଙ୍କ ପାଇଁ ନିୟମ ସମାନ ରହୁ। ପୁରୀ ଶ୍ରୀମନ୍ଦିର ଭଳି ଏଠାରେ ସ୍ୱତନ୍ତ୍ର ଆଇନ ରହୁନାହିଁ। ଉଚ୍ଛେଦ ପ୍ରକ୍ରିୟା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ।

**–ଗୋପାଳ ଚନ୍ଦ୍ର ବଟ୍ଟୁ, ସ୍ଥାନୀୟ ବାସିନ୍ଦା**

### ମନ୍ଦିର ଚତୁଃପାର୍ଶ୍ୱ ସଫାସୁତରା ରହିବା ଦରକାର



ବହୁତ ଜାଗା ବୁଲିଛୁ। ତେଣୁ ଶ୍ରୀଲିଙ୍ଗରାଜ ମନ୍ଦିର ମଧ ବୁଲି ଆସିଥିଲୁ। ଜବରଦଖଲ ଉଚ୍ଛେଦ ହଟାଇ ମନ୍ଦିର ଚତୁଃପାର୍ଶ୍ୱ ସଫା ସୁତରା ରହିବା ଦରକାର। ଐତିହ୍ୟସ୍ଥଳର ଏଣେତେଣେ ଅପରିଷ୍କାର ଯୋଗୁ ପର୍ଯ୍ୟଟକମାନେ ପରିସ୍ରା କରୁଛନ୍ତି, ଯାହା ସୌନ୍ଦର୍ଯ୍ୟକରଣରେ ପ୍ରତିକୂଳ ଅବସ୍ଥା ସୃଷ୍ଟି କରୁଛି। ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ।

**–ମଦନ ଗୁପ୍ତା, ପର୍ଯ୍ୟଟକ, କଲିକତା**

### ଜବରଦଖଲକାରୀ ସରକାରଙ୍କୁ ସହଯୋଗ କରନ୍ତୁ



ଶ୍ରୀଲିଙ୍ଗରାଜ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତୀକରଣ ସହ ପଣ୍ଡା, ପଢିହାରୀମାନଙ୍କ ଧର୍ମ ସଂସ୍କୃତିର ଜ୍ଞାନ ବଢାଇବା ଦିଗରେ କାର୍ଯ୍ୟ କରାଯିବା ଦରକାର। ଏହାଦ୍ୱାରା ପର୍ଯ୍ୟଟନସ୍ଥଳର ମହାତ୍ମ୍ୟ ପ୍ରକୃତ ମାତ୍ରାରେ ପ୍ରତିପାଦିତ ହେବ। ଜବରଦଖଲ ଉଚ୍ଛେଦ ଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ପରୋକ୍ଷରେ ଉନ୍ନତ ହେବ। ସେଥିଲାଗିଜବରଦଖଲରେଥିବା ବ୍ୟକ୍ତି ସରକାରଙ୍କୁସହଯୋଗ କରନ୍ତୁ।

**–ଲିଙ୍ଗରାଜ ସେଠୀ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଗବେଷକ**

### ଐତିହ୍ୟସ୍ଥଳର ବିକାଶ ହେବ



ଅତୀତରେ ଠାକୁରଙ୍କ ନୀତିକାନ୍ତି ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଜାଗାଗୁଡିକ ଜବରଦଖଲକୁ ନେଇ ପ୍ରତିବାଦ କରିଛୁ। ବିଳମ୍ବରେ ହେଲେ ମଧ ସମସ୍ତ ବିଭାଗର ଉଦ୍ୟମକୁ ପ୍ରଶଂସା କରିବା ଦରକାର। ତେଣୁ ସମସ୍ତେ ଏହି କାର୍ଯ୍ୟରେ ସହଯୋଗ କଲେ ଐତିହ୍ୟ ସ୍ଥଳର ବିକାଶ ହେବ।

**–ଭୀଷ୍ମ ନାରାୟଣ ନାୟକ, ଆଇନଜୀବୀ**

### ଡାକ୍ତରଖାନା ବାରଣ୍ଡାରେ ଯମଜ କନ୍ୟା ଜନ୍ମହେବା ଘଟଣା
## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ଜଣେ ଗର୍ଭବତୀ ସୋମବାର ଯମଜ କନ୍ୟାସନ୍ତାନ ପ୍ରସବ କରିବା ଘଟଣାରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାକୁ ନେଇ ମଙ୍ଗଳବାର ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ଏବଂ କର୍ତ୍ତବ୍ୟରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ କମିଶନ ନିକଟରେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ତିହିଡି ଅଞ୍ଚଳର ଜଣେ ମହିଳା ଗର୍ଭଯନ୍ତ୍ରଣା ପାଇବାରୁ ତାଙ୍କୁ ପରିବାର ଲୋକେ ୧୦୨ ଆମ୍ବୁଲାନ୍ସ ଯୋଗେ ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସା କରୁଥିବା ଡାକ୍ତର କଟକ ରେଫର କରିଥିଲେ। ପରିବାର ଲୋକେ ମହିଳାଙ୍କୁ ୱାର୍ଡ ବାରଣ୍ଡାରେ ବସାଇ ଆମ୍ବୁଲାନ୍ସ ଖୋଜୁଥିଲେ। ଏଭଳି ସ୍ଥିତିରେ ମହିଳା ଜଣକ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ମହିଳାମାନେ ଅପରାହ୍ନ ପ୍ରାୟ ୨ଟାରେ ଚାରିପଟେ ଲୁଗା ଘେରାଇ ତାଙ୍କ ପ୍ରସବ କରାଇଥିଲେ। ଏହାପରେ ମଧ ତାଙ୍କୁ ମେଡିକାଲ କର୍ମଚାରୀମାନେ ୱାର୍ଡରେ ଭର୍ତ୍ତି ନ କରି କଟକ ଯିବା ପାଇଁ କହି ବିଦା କରିଦେଇଥିଲେ।

## ଯାତ୍ରା ପଡ଼ିଆରେ ମେଲଣ କଲେ ୪୦ ମେଢ଼



ମେଲଣରେ ସାମିଲ ହୋଇଥିବା ମେଢ଼।

ଚୌଦ୍ୱାର,୧୫।୧୦(ଡି.ଏନ୍.ଏ.)

### ଚୌଦ୍ୱାର ରୂପଯାତ୍ରା

ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରାର ମେଲଣ ଉତ୍ସବ ମଙ୍ଗଳବାର ଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ପୂଜା ମଣ୍ଡପର ଦେବଦେବୀଙ୍କ ମୃଣ୍ମୟ ପ୍ରତିମା ସାହିବସ୍ତି ପରିକ୍ରମା କରିବା ସହିତ ଅପରାହ୍ନରେ ମେଲଣ ପଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ। ଚଳିତ ବର୍ଷ ଶୋଭାଯାତ୍ରାରେ ଢୋଲ, ମାଦଳ, ଘଣ୍ଟ, ପଶ୍ଚିମ ଓଡ଼ିଶାର ଶିଙ୍ଗ ବାଜା, ତାଳମ୍ଭଳି ଆଦି ପାରମ୍ପରିକ ବାଦ୍ୟ ବ୍ୟବହୃତ ହୋଇଥିବା ଦେଖିବାକୁ ମିଳିଛି। ଚୌଦ୍ୱାର ପୌରାଞ୍ଚଳ ଓ ଏକମାତ୍ର ଗ୍ରାମଞ୍ଚଳ ବନିକାକୁ ମିଶାଇ ୪୦ଟି ପୂଜା ମଣ୍ଡପରେ ନିର୍ମିତ ଦେବଦେବୀଙ୍କ ମୃଣ୍ମୟ ପ୍ରତିମା ମଙ୍ଗଳବାର ରାତି ୧୦ଟା ସୁଦ୍ଧା ତିନିକୋଣିଆ ସ୍ଥିତ ଯାତ୍ରା ପଡ଼ିଆରେ ପହଞ୍ଚି ମେଲଣ କରିଥିଲେ। କପାଳେଶ୍ୱର ନୂଆସାହି ମେଢ ସଙ୍ଗରେ ଶତାଧିକ ମହିଳା ମେଲଣ ପଡ଼ିଆକୁ ଯାଇଥିବା ଦେଖିବାକୁ ମିଳିଥିଲା। ଦେବଦେବୀଙ୍କ ମିଳନର ଏହି ଦୃଶ୍ୟ ଦେଖିବା ପାଇଁ ଯାତ୍ରା ପଡ଼ିଆରେ ପ୍ରବଳ ଜନସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡିସିପିଙ୍କ ନେତୃତ୍ୱରେ ୨ଜଣ ଏଡିସିପି, ୫ଜଣ ଏସିପି,୧୫ଜଣ ଇନ୍ସପେକ୍ଟର, ୫୦ଜଣ ଅଧିକାରୀଙ୍କ ସହିତ ପ୍ଲାଟୁନ୍ ଫୋର୍ସ ମେଳାରେ ମୁତୟନ ହୋଇଛନ୍ତି। ସେସୁ ପକ୍ଷରୁ ଯାତ୍ର ପଡ଼ିଆ ଆଲୋକୀକରଣ କରାଯାଇଥିବା ବେଳେ ଚୌଦ୍ୱାର ଅଗ୍ନିଶମ ବିଭାଗ ପକ୍ଷରୁ ଦମକଳ ବ୍ୟବସ୍ଥା, ପୌରପାଳିକା ପକ୍ଷରୁ ଆଶୁ ଚିକିତ୍ସାକେନ୍ଦ୍ର ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ବୁଧବାର ସକାଳେ ମେଢ଼ଗୁଡିକ ଯାତ୍ର କମିଟି ଠାରୁ ଛନ୍ଦା ଓ ଭସାଣ ଟିକେଟ ନେଇ ଭସାଣ ନିମନ୍ତେ ଶୋଭାଯାତ୍ରା କରି ବିରୂପାନଦୀ ଅଭିମୁଖେ ଯାତ୍ରା କରିବେ। ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ ବିଭିନ୍ନ ମେଢ଼ ମଣ୍ଡପ ବୁଲି ମେଢ଼ କମିଟିଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପିପୁଲ ୱେଲଫେୟାର ସୋସାଇଟିର ମୁଖପତ୍ର 'ଆମ ଚଉଦୁଆର' ଉନ୍ମୋଚିତ ହୋଇଯାଇଛି।

## ଶ୍ରୀମନ୍ଦିରରେ ପାନ ଖାଇ ଧରାପଡ଼ିଲେ ୬ଜଣ

### ତାଗିଦ୍ କରି ଛାଡ଼ିଲା ପ୍ରଶାସନ

ପୁରୀ ଅଫିସ, ୧୫।୧୦

ଶ୍ରୀମନ୍ଦିର ଭିତରେ ପାନ ଖାଇ ମଙ୍ଗଳବାର ୬ଜଣ ଧରାପଡ଼ିଛନ୍ତି। ମଙ୍ଗଳବାର ବାହାର ଦେଉଳିରେ କେତେଜଣ ଖଜା ତିଆରି କରୁଥିଲେ। ଶ୍ରୀମନ୍ଦିର ସ୍କ୍ୱାଡ ସେଠାରେ ପହଞ୍ଚିବା ପରେ ସେମାନଙ୍କ ମଧ୍ୟରୁ ୬ ଜଣ ପାନ ଖାଉଥିବା ଦେଖିଥିଲେ। ଏ ନେଇ ଗାରଦକୁ ଜଣାଇବା ସେମାନଙ୍କୁ ଧରିଥିଲେ। ଭବିଷ୍ୟତରେ ଆଉ ପାନ ଖାଇ ମନ୍ଦିରକୁ ପ୍ରବେଶ କରିବ ନାହିଁ ବୋଲି ସେମାନଙ୍କୁ ତାଗିଦ କରି ଛାଡିଥିବା ଜଣାପଡିଛି।

ଶ୍ରୀମନ୍ଦିରକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ମନ୍ଦିର ଭିତରକୁ ସମସ୍ତେ ଗୋଡ, ମୁହଁ ଧୋଇ ଶୁଦ୍ଧପୂତ ଭାବେ ପରିଷ୍କାର ହୋଇ ଯିବାର ବିଧି ରହିଛି। ଏହାକୁ ଦୃଷ୍ଟିରେ ରଖି ଗତ ପରିଚାଳନା କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଏଣିକି କୌଣସି ସେବକ, ଭକ୍ତ କିମ୍ବା କର୍ମଚାରୀ ପାନ, ଗୁଟ୍‌ଖା ଓ ପାନ ମସଲା ଖାଇ ବା ମନ୍ଦିର ଭିତରକୁ ନେଇ ଯାଇପାରିବେ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ। ଅଗଷ୍ଟ ୧ରୁ ଏହି କଟକଣା କଡାକଡି ହେବ। ପ୍ରବେଶ ପଥରେ ଯାଞ୍ଚ ହେବ। ଯଦି ପାନ, ଗୁଟ୍‌ଖା, ପାନ ମସଲା ଖାଇ କେହି ମନ୍ଦିର ଭିତରକୁ ପ୍ରବେଶ କରି ଧରାପଡିବେ ତେବେ ତାଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। କିନ୍ତୁ ଏହି କଟକଣାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏବେ ବି ଅନେକ ପାନ, ଗୁଟ୍‌ଖା ମନ୍ଦିର ଭିତରେ ଖାଉଛନ୍ତି। ମଙ୍ଗଳବାର ୬ ଜଣ ପାଣିଆ (ଖଜା ଦୋକାନର ସହାୟକ) ଧରାପଡିବା ଘଟଣା ଏହାକୁ ସ୍ପଷ୍ଟ କରିଛି।

### ମା'ଙ୍କ ରୋଗ ଉପଶମ କରିବାକୁ ଯାଇ
## ପୁଅ ତିଆରି କଲେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର

ଲୋକନାଥ ମିଶ୍ର
ଖୋର୍ଦ୍ଧା ଅଫିସ,୧୫।୧୦

ମା'ଙ୍କ ରୋଗ ଉପଶମର ପଥ ଦେଖାଇଲା ନୂଆ ଉପାୟ। ପୁଅ ତିଆରି କରି ପକାଇଲେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର। ତାହା କୁକୁଡ଼ା ଅଣ୍ଡାରୁ ଚିଆଁ ଫୁଟାଇବାରେ ସହାୟକ ହୋଇପାରୁଛି। ମା'ଙ୍କ ରୋଗ ଉପଶମ ହେଲା। ପୁଅ କିନ୍ତୁ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଗଲେ। ଯନ୍ତ୍ରକୁ ଦେଖିବାକୁ ଭିଡ ଜମୁଛି ବେଗୁନିଆ ବ୍ଲକର ଚଣ୍ଡିଆପଲ୍ଲୀ ଗାଁରେ। ଚଣ୍ଡିଆପଲ୍ଲୀ ଗାଁରେ ରାକେଶ କୁମାର ସ୍ୱାଇଁ ଓରଫ ପପୁ ଏହି ଯନ୍ତ୍ର ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଛନ୍ତି।

ମା'ଙ୍କର ଡାଇବେଟିସ୍ ରୋଗ କମାଇବାକୁ ଦରକାର ପଡିଥିଲା ଝାଡ଼ଖଣ୍ଡ କୁକୁଡ଼ା କଡ଼କନାଥର ଅଣ୍ଡା। ବହୁ ଖୋଜାଖୋଜି ପରେ ଏହି ପ୍ରଜାତିର କୁକୁଡ଼ାର ଅଣ୍ଡା ପପୁ ପାଇ ନ ଥିଲେ। ନିଜ ଗାଁକୁ ଖୋର୍ଦ୍ଧାରୁ ଗଲାବେଳେ ଶରଧାପୁରର ମୁନା ଭାଇଙ୍କ ଗ୍ୟାରେଜରେ କିଛିଦିନ ତଳେ କଡ଼କନାଥ କୁକୁଡ଼ା ଦେଖିବାକୁ ପାଇଥିଲେ। ସେହି କୁକୁଡ଼ାର ଅଣ୍ଡା ମାଗି ମାତ୍ର ଗୋଟିଏ ପାଇଥିଲେ। ଗୋଟିଏ ଅଣ୍ଡା ମା'ଙ୍କୁ ଖାଇବାକୁ ଦେବେ ନାଁ ଏଥିରୁ ଚିଆଁ ଜନ୍ମ କରି ଏହି ପ୍ରଜାତିର କୁକୁଡ଼ାର ବଂଶ ବଢ଼ାଇବେ, ରାତିତମାମ ଚିନ୍ତା କରିଥିଲେ। ଶେଷରେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ନିର୍ମାଣ ଉପାୟ ତାଙ୍କୁ ଜୁଟିଥିଲା। ଅଣ୍ଡାଟିକୁ ମା'ଙ୍କୁ ଖାଇବାକୁ ନ ଦେଇ କୁକୁଡ଼ାର ବଂଶ ବଢ଼ାଇବାକୁ ଯନ୍ତ୍ର ପ୍ରସ୍ତୁତିରେ ଲାଗି ପଡ଼ିଲେ। ବଜାରରୁ କିଛି ସରଞ୍ଜାମ ଯୋଗାଡ଼ କରି ତିଆରି କଲେ ଦେଶୀୟ କୌଶଳରେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର। ଏହି ଯନ୍ତ୍ରରେ ଏକାଧିକ ଅଣ୍ଡା ଫୁଟାଇ ସାରିଲେଣି। ଏ ନେଇ ପପୁ କୁହନ୍ତି, ଯନ୍ତ୍ର ସହାୟତାରେ ୮୫ରୁ ୯୦ ପ୍ରତିଶତ ଅଣ୍ଡାରୁ ଚିଆଁ ଫୁଟିପାରୁଛି। ୨୦ଦିନ ଅଣ୍ଡା ଯନ୍ତ୍ରରେ ରହିବା ପରେ ଚିଆଁ ଜନ୍ମ ହେଉଛି। ପ୍ରଥମେ ଗୋଟିଏ ଚିଆଁ ବାହାରିଥିଲା। ୨ୟ ଥର ୨୦ଟି ଅଣ୍ଡାରୁ ୧୬ଟି ବାହାରିଛି। ତୃତୀୟ ଥର ପାଇଁ ମଙ୍ଗଳବାର ୪୦ ଅଣ୍ଡାରୁ ଗୋଟିଏ ଚିଆଁ ବାହାରିଛି। ପର୍ଯ୍ୟାୟକ୍ରମେ ଅଣ୍ଡାରୁ ଚିଆଁ ବାହାରିବ ବୋଲି ପପୁ କହିଛନ୍ତି। ପ୍ରଥମ ଚିଆଁ ୫୦ ଦିନର ହୋଇ ସାରିଲାଣି। ଅନ୍ୟଗୁଡିକ ୨୦ଦିନର। ଘରେ ଏବେ କଡ଼କନାଥ, ଆନ୍ଧ୍ର ଦେଶୀ ହାଜରା, ଆନ୍ଧ୍ରର ପ୍ୟାରେଡନୋଜ୍ କୁକୁଡ଼ା ରହିଛନ୍ତି। ପ୍ରଥମ ଯନ୍ତ୍ର କାଗଜ କାର୍ଟୁନରେ ତିଆରି ହୋଇଥିଲା। ପ୍ରଥମ ଯନ୍ତ୍ରର ସଫଳତା ପରେ ୨ୟ ଯନ୍ତ୍ର ପ୍ଲାଏରେ ନିର୍ମାଣ କରିଥିଲି। ଏବେ ୨୫୦ ଅଣ୍ଡାରୁ ଚିଆଁ ଫୁଟିଲା ପରି ଯନ୍ତ୍ର ନିର୍ମାଣ ଚାଲିଛି। ଏଥିରେ ୧୨ ଭୋଲ୍‌ଟ୍‌ର ଡିସି ଫ୍ୟାନ, ୪୦ ପାୱାର ବଲ ଦୁଇଟା, ହିମୋନିଟ ତାପମାତ୍ରାର ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ପାଇଁ ରିଲେ ମେଶିନ୍, ଅଧା ଲିଟର ପାଣିପାତ୍ର ରହୁଛି। ପ୍ରଥମ ଯନ୍ତ୍ରରେ ୮୦୦ ଟଙ୍କା ଓ ୨ୟ ମେଶିନ୍‌ରେ ୩୫ ଶହ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷେ ଏକ ଅଟୋମେଟିକ୍ ଅଣ୍ଡା ରୋଟେଡ୍ ମେଶିନ ନିର୍ମାଣ ଚାଲିଛି। ବିଦ୍ୟୁତ୍ ବ୍ୟାକ ଅପ୍ ଏଥିରେ ୩ ଘଣ୍ଟା ରହିବ। ୨୫୦ ଗୋଟି ଚିଆଁ ବାହାରିବ।



ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ସହ ରାକେଶ।

### ଆବର୍ଜନାରେ ଫୁଟିବ ଛତୁ

ମାଟି, କାଠିକୁଟା, କଦଳୀପତ୍ର ପରି ଆବର୍ଜନାରୁ ଛତୁ ଫୁଟିବ। ଦଶମ ଶ୍ରେଣୀ ପାଠ ପଢ଼ିଥିବା ପପୁ ଏ ଦିଗରେ ୮୫ ପ୍ରତିଶତ ସଫଳ ହୋଇ ସାରିଲେଣି। ଖୁବ୍‌ଶୀଘ୍ର ଏ ଦିଗରେ ସଫଳତା ପାଇବେ ବୋଲି ଆଶା ରଖିଛନ୍ତି। ପପୁ ପ୍ରଥମେ ନଡା ଯୋଗେ ଛତୁ ପ୍ରସ୍ତୁତ କରୁଥିଲେ। ତେବେ ନଡା ଅଭାବ ପରେ ଆବର୍ଜନାରୁ ଛତୁ ଫୁଟାଇବାକୁ ଲାଗି ପଡିଛନ୍ତି।

## ସୂର୍ଯ୍ୟମନ୍ଦିର ବୁଲି ଦେଖିଲେ ୫୦ଟୁର୍ ଅପରେଟର



କୋଣାର୍କ,୧୫।୧୦(ଡି.ଏନ.ଏ.)

ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ୫୦ଜଣ ଟୁର୍ ଅପରେଟର ମଙ୍ଗଳବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିଛନ୍ତି। ସେମାନେ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋଣାର୍କ ସୂର୍ଯ୍ୟ ମନ୍ଦିର ଆନ୍ତର୍ଜାତିକ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାବେଳେ ଦେଶ ବିଦେଶରୁ ପର୍ଯ୍ୟଟକ କୋଣାର୍କ, ପୁରୀ ବୁଲିବା ଲାଗି ଓଡ଼ିଶା ଆସୁଥିବା କେତେକ ଟୁର୍ ଅପରେଟର କହିବା ସହ ପର୍ଯ୍ୟଟନ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ଚେନ୍ନାଇ, କେରଳ, ଆନ୍ଧ୍ର, ତାମିଲନାଡୁ, ଗୋଆ ଆଦି ରାଜ୍ୟର ୫୦ଜଣ ଟୁର୍ ଅପରେଟର ଆସି ସୂର୍ଯ୍ୟ ମନ୍ଦିର ସହ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ସୂର୍ଯ୍ୟ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ବିମୋହିତ ହୋଇଥିଲେ। ଏହି ପରିଦର୍ଶନ ସମୟରେ ଭୁବନେଶ୍ୱର ପର୍ଯ୍ୟଟନ ଅଧିକାରୀ ନିରଞ୍ଜନ ମହାପାତ୍ର, ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ପ୍ରଦୀପ୍ତ ମଲ୍ଲ ପ୍ରମୁଖ ଉପସ୍ଥିତ ରହି ସୂର୍ଯ୍ୟ ମନ୍ଦିର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଟୁର ଅପରେଟରମାନଙ୍କ ଗ୍ରସ୍ତ ସମୟରେ କୋଣାର୍କ ଥାନା ପକ୍ଷରୁ ଥାନାଧିକାରୀ ସଞ୍ଜିବ କୁମାର ପ୍ରଧାନଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।





ଭୁବନେଶ୍ୱର ଜଗନ୍ନାଥ ନଗର ରୋଡ଼ ନଂ-୯ ପ୍ରିୟାବଜାର ସମ୍ମୁଖ ମଣ୍ଡପ ଓ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

## ସଂକ୍ଷେପରେ

### ଜାଲ୍ ଜମିପଟ୍ଟାରେ ଜମି ବିକି ମହିଳା ଗିରଫ

ବାରଙ୍ଗ,୧୫।୧୦(ଡି.ଏନ.ଏ.): ଚନ୍ଦକା ଥାନା ଅନ୍ତର୍ଗତ ମଳିପଡା ମୌଜାରେ ଏକ ଜାଲ୍ ପଟ୍ଟା କରି ଜମି ବିକିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକର ବାଙ୍କୀ ସାହିରେ ରହୁଥିବା ମମତା ମହାରଣା। ସୂଚନା ମୁତାବକ, ମମତାଙ୍କ ସହ ୧୦ଜଣ ବ୍ୟକ୍ତି ମିଶି ମଳିପଡା ମୌଜାରେ ବେଗୁନିଆର ଜୟନ୍ତୀ ପଣ୍ଡାଙ୍କ ନାମରେ ଥିବା ଏକ ଜମିକୁ ୫ମାସ ତଳେ ବିକ୍ରି କରିଦେଇଥିଲେ। ବିକ୍ରୟ କବଲାରେ ଜୟନ୍ତୀଙ୍କ ବଦଳରେ ମମତାଙ୍କ ଫଟୋ ଲଗାଯାଇଥିଲା। ଜୟନ୍ତୀ ଅନୁଧାନ କରିବାବେଳେ ଏହା ଜାଣିବା ପରେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ.୧୩୨/୧୯ରେ ଏକ ମାମଲା ରୁଜୁ କରି ସେତେବେଳେ ୫ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ସମସ୍ତେ ଫେରାର ଥିବାବେଳେ ମଙ୍ଗଳବାର ମମତା ଘରେ ଥିବାର କୌଣସିସୂତ୍ରରୁ ପୋଲିସ ଖବରପାଇ ତାଙ୍କୁ ଧରିଥିଲା। ଏହି ଘଟଣାରେ ସମ୍ପୃକ୍ତି ଥିବା ଅନ୍ୟ ୪ଜଣ ଫେରାର ଅଛନ୍ତି।

### ମା, ଭଉଣୀଙ୍କୁ ହତ୍ୟା ଧମକ ଦେଇ ପୁଅ ଗିରଫ

ବାରଙ୍ଗ,୧୫।୧୦(ଡି.ଏନ.ଏ.)- ନନ୍ଦନକାନନ ଥାନା ଅନ୍ତର୍ଗତ ଡାଉଆ ଗ୍ରାମର ଜଣେ ଯୁବକ ନିଜ ମା ଓ ଭଉଣୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ମଙ୍ଗଳବାର ଗିରଫ ହୋଇ କୋର୍ଟଚାଲାଣ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ବସନ୍ତ କୁମାର ପଣ୍ଡା । ସୂଚନାଯୋଗ୍ୟ, ବସନ୍ତ ଗତ ୧୩ତାରିଖ ରାତିରେ ମା ସହ କୌଣସି କାରଣକୁ ନେଇ ପାଟିତୁଣ୍ଡ କରିଥିଲା। ପାଟି ଶୁଣି ଘରେ ଥିବା ବିବାହିତ ଭଉଣୀ ରୋଜାଲିନ ବିରୋଧ କରିବାରୁ ତାଙ୍କୁ ମଧ ବସନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଯେତେ ବୁଝାଶୁଝା କରିବାପରେ ମଧ ବସନ୍ତ ନ ବୁଝି ଉଭୟଙ୍କୁ ଜୀବନରୁ ମାରିଦେବାକୁ ହତ୍ୟା ଧମକ ଦେଇଥିଲେ। ଏ ନେଇ ପରିବାର ଲୋକ ଥାନାକୁ ଜଣାଇବା ପରେ ପୋଲିସ ଆସି ବସନ୍ତକୁ ଥାନାକୁ ନେଇଯାଇଥିଲେ। ପରେ ପରିବାର ପକ୍ଷରୁ ସୋମବାର ସନ୍ଧ୍ୟାରେ ବସନ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ ଦେବାପରେ ପୋଲିସ ୧୦୧/୧୯ନଂ.ରେ ଏକ ମାମଲା ରୁଜୁକରି ଗିରଫ କରିଥିଲା।

### ବସ୍ କାଟି ନଷ୍ଟ କରିବା ଅଭିଯୋଗରେ ୨ ଗିରଫ

ପାତ୍ରପଡା,୧୫।୧୦(ଡି.ଏନ.ଏ.): ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ୨ ବସ୍‌କୁ କାଟି ନଷ୍ଟ କରୁଥିବା ଅଭିଯୋଗରେ ପୋଲିସ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ମନୋଜ ସିଂ(୪୨) ଓ ଏୟାରଫିଲ୍ଡ ଥାନା ହାଇଟେକ ପ୍ଲାଜା ଅଞ୍ଚଳରେ ରହୁଥିବା ସନ୍ଦୀପ ମଲ୍ଲିକ(୩୬)। ପୋଲିସ ସୂଚନା ଅନୁଯାୟୀ, ଖଣ୍ଡଗିରି ସତ୍ୟସାଇ ଏନ୍‌କ୍ଲେଭ ଅଞ୍ଚଳରେ ରହୁଥିବା ପ୍ରମୋଦ କୁମାର ରାଏଙ୍କ ୨ ଗୋଟି ବସ୍ ନଂ. ଓଆର ୦୨ ବିଡବ୍ଲ୍ୟୁ ୩୬୯୯ ଓ ଓଆର ଏଏମ୍ ୪୩୯୯ ପାତ୍ରପଡା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଜାଗାରେ ଦୀର୍ଘଦିନ ଧରି ରହି ଆସୁଥିଲା। ବସ୍ ଦୁଇଟି ଅଚଳ ଅବସ୍ଥାରେ ଦୀର୍ଘଦିନ ସେଠାରେ ରହୁଥିବା ସୁଯୋଗରେ ସୋମବାର ରାତିରେ ଅଭିଯୁକ୍ତଦ୍ୱୟ ବସ୍ ଦୁଇଟିକୁ କାଟୁଥିବା ବେଳେ ପ୍ରମୋଦ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ ଧରିବା ସହ କାଟିବା ଯନ୍ତ୍ରାଂଶ ସମେତ କଟାଯାଇଥିବା ସାମଗ୍ରୀ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୫୭୫/୧୯ରେ ମାମଲା ରୁଜୁ ହୋଇଛି।

### ଆର୍‌ପିଏଫ ବଡି ବିଲ୍ଡିଂ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ): ସର୍ବଭାରତୀୟ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ପକ୍ଷରୁ ସମ୍ବଲପୁରଠାରେ ବଡି ବିଲ୍ଡିଂ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସମ୍ବଲପୁର ରେଲୱେ କମ୍ୟୁନିଟି ହଲ୍‌ରେ ଆୟୋଜିତ ଏହି ଚମ୍ପିଆନସିପକୁ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ଓ ଏକେ ବର୍ଣ୍ଣୱାଲ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଦକ୍ଷିଣ ପୂର୍ବ ରେଳପଥ, ଦକ୍ଷିଣ ପୂର୍ବ କେନ୍ଦ୍ର ରେଳପଥ ଓ ପୂର୍ବତଟ ରେଳପଥର ୧୭ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ବୁଧବାର ଏହି ଚାମ୍ପିୟନଶିପ୍ ଉଦ୍‌ଯାପିତ ହେବ ଓ ବିଜେତା ଘୋଷଣା ସହ ପୁରସ୍କାର ଦିଆଯିବ।

# ରାଜଧାନୀରେ ଆର୍ମି ପରୀକ୍ଷାର୍ଥୀଙ୍କ ଆତଙ୍କ

- ଆଇ.ଜି. ପାର୍କରେ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ
- ବିରୋଧ କରିବାରୁ ଯୁବକଙ୍କୁ ମାଡ଼ ମାରି କାନ ଫଟାଇଲେ
- ୩ ଅଣଓଡ଼ିଆ ପିଲାଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

ଆର୍ମିରେ ଭର୍ତ୍ତି ହେବା ପାଇଁ ଭୁବନେଶ୍ୱରସ୍ଥ ୧୨୦ ବାଟାଲିୟନର ରାଲିରେ ଯୋଗଦେବାକୁ ଆସିଥିବା କେତେଜଣ ପରୀକ୍ଷାର୍ଥୀଙ୍କ ଆତଙ୍କରାଜ ସୋମବାର ଦେଖିବାକୁ ମିଳିଛି। ଅପରାହ୍ନ ପ୍ରାୟ ୪ଟାରେ ଆଇ.ଜି.ପାର୍କରେ ଜନ୍ମଦିନ ପାଳୁଥିବା କେତେଜଣ ଯୁବତୀଙ୍କୁ ସେମାନେ ଅଶ୍ଳୀଳ କମେଣ୍ଟ କରିଥିଲେ। ଏହାକୁ ଜଣେ ଯୁବକ ବିରୋଧ କରିବାରୁ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ। ଏଥିରେ ସମ୍ପୃକ୍ତ ଯୁବକ ଅକ୍ଷୟ ମହାରଣା ଗୁରୁତର ଆହତ ହୋଇଛନ୍ତି। ସେ ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ଜଣ ଅଣଓଡ଼ିଆ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁଯାୟୀ, ଆଇ.ଜି. ପାର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବତୀ ଜନ୍ମଦିନ ପାଳୁଥିଲେ। ସେହି ସମୟରେ ଏହି ପରୀକ୍ଷାର୍ଥୀମାନେ ପାର୍କରେ ବୁଲୁଥିଲେ। ସମ୍ପୃକ୍ତା ଯୁବତୀମାନଙ୍କୁ ପରୀକ୍ଷାର୍ଥୀମାନେ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ସହ କମେଣ୍ଟ ମାରିଥିଲେ। ସେଠାରେ ଥିବା ଲୋକେ ସେମାନଙ୍କୁ ବିରୋଧ କରିଥିଲେ। ହେଲେ ପରୀକ୍ଷାର୍ଥୀମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ଅକ୍ଷୟଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ତାଙ୍କ କାନ ଫାଟି ରକ୍ତ ବାହାରିଥିଲା। ଏହାଦେଖି ସେମାନେ ଦୌଡ଼ି ପଳାଇଥିଲେ। ଲୋକେ ଖବର ଦେବା ସତ୍ତ୍ୱେ ପୋଲିସ ଘଟଣାସ୍ଥଳକୁ ଆସି ନ ଥିଲା। ଅକ୍ଷୟଙ୍କୁ ତାଙ୍କ ସହଯୋଗୀମାନେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେ ଥାନାରେ ଏତଲା ଦେଇଥିଲେ। ଏ ନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଆର୍ମିରେ ଭର୍ତ୍ତି ହେବାକୁ ଆସିଥିବା କେତେଜଣ ପିଲା ପାର୍କରେ ଜଣେ ଯୁବକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେହି ଆଧାରରେ ଆମେ ୩ଜଣ ଅଣଓଡ଼ିଆ ପିଲାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛୁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ୧୭ତମ କୁମାର ଉତ୍ସବରେ ପ୍ରଫେସର ଗୁରୁ ରାମହରି ଦାସଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ରାମହରି ଦାସଙ୍କୁ 'ଗୁରୁ ସହଦେବ ପାଢ଼ୀ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ୧୭ତମ କୁମାର ଉତ୍ସବ ୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ନିର୍ଦ୍ଦେଶିକା ଶ୍ୱେତା ପାଢ଼ୀ, ସଭାପତି ବଟକୃଷ୍ଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିବେକ ପଟ୍ଟନାୟକ, ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ଗୋପାଳଚନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଗୁରୁ ରାମହରି ଦାସଙ୍କୁ 'ଗୁରୁ ସହଦେବ ପାଢ଼ୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ, ତବଲା ପରିବେଷିତ ହୋଇଥିଲା। ପରେ ଶିଳ୍ପୀ ଶିରଶା ଦାସ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ଦଳଗତ ଓଡ଼ିଶୀ ନୃତ୍ୟରେ ଶିଳ୍ପୀମାନେ 'ଦୀପମ୍ ଜ୍ୟୋତି', କାଳୀ, ପ୍ରାତଃ ସ୍ମରାମୀ, ରାଗେଶ୍ରୀ, ଗଜାନନ ଓ ଶେଷରେ 'ଶ୍ରୀ ଜଗନ୍ନାଥଯାତ୍ରା' ପରିବେଷଣ କରିଥିଲେ। କୁନି କୁନି ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ 'ପଲ୍ଲୀ ନୃତ୍ୟ, 'ମୋ ଗାଁ ଆଜି ସହର ସହର ବାସୁଛି' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

- ମହଙ୍ଗା ପଡ଼ିଲା ଗାଡ଼ି ଚଳାଇ କଥା ହେବା

## ଟ୍ରକ ଧକ୍କାରେ ମାଲିକ ମୃତ: ପଳାଶୁଣି ଛକରେ ଉତ୍ତେଜନା

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

କଥା ହୋଇ ଗାଡ଼ି ଚଳାଇବା ଯୋଗୁ ଜଣେ ଟ୍ରକ ମାଲିକଙ୍କ ଜୀବନ ଯାଇଛି। ଏଭଳି ଅଭାବନୀୟ ଘଟଣା ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣି ଛକରେ ମଙ୍ଗଳବାର ଦେଖିବାକୁ ମିଳିଛି। ଟ୍ରକ୍ ଡ୍ରାଇଭର ଗାଡ଼ି ଚଳାଉଥିବାବେଳେ ମାଲିକ ସ୍କୁଟିରେ କଥା ହୋଇ ଯାଉଥିବାବେଳେ ଟ୍ରକ୍‌ଟି ମାଲିକ ଉପରେ ଚଢ଼ିଯାଇଥିଲା। ମୃତ ଟ୍ରକ ମାଲିକ ହେଲେ ରସୁଲଗଡର ଅରୁଣ ମଲ୍ଲିକ(୪୦)। ଅନ୍ୟପଟେ ଦୁର୍ଘଟଣାକୁ ନେଇ ପଳାଶୁଣି ଛକରେ ଉତ୍ତେଜନା ଦେଖାଯାଇଥିଲା। ଫଳରେ ଅଧ ଘଣ୍ଟାଧରି ସେଠାରେ ଟ୍ରାଫିକ ସମସ୍ୟା ଦେଖାଯିବା ସହ ଗାଡି ରାସ୍ତା ଉପରେ ଅଟକି ରହିଥିଲା। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏହାସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ପୋଲିସ ନଂ.-୪୭୧/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଟ୍ରକ ମାଲିକ ଅରୁଣ ଅପରାହ୍ନ ପ୍ରାୟ ୫ଟା ୩୦ରେ ପଳାଶୁଣି ଛକରୁ ସ୍କୁଟି(ଓଡି-୦୨ବିଏ-୦୯୮୪)ରେ ଟ୍ରକ ଡ୍ରାଇଭର ସହ କଥାହୋଇ ହାଇଟେକ ଛକ ଅଭିମୁଖେ ଯାଉଥିଲେ। ଡ୍ରାଇଭର ଜଣଙ୍କ ମଧ ଅରୁଣଙ୍କ ସହ କଥା ହୋଇ ଟ୍ରକ(ଓଆର୦୨-ଏପି-୮୪୬୭) ଚଳାଉଥିଲେ। ମାଲିକ ଡ୍ରାଇଭରକୁ ଗାଡି ରାସ୍ତାକଡକୁ ସାଇଡ୍ କରିବାକୁ କହିବା ସମୟରେ ଅସାବଧାନତାବଶତଃ ଟ୍ରକଟି ତାଙ୍କ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ଅରୁଣଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିଲେ। କୁହାଯାଉଛି ଯେ,ମାଲିକ ଓ ଟ୍ରକ ଡ୍ରାଇଭରଙ୍କ ମଧରେ ତିକ୍ତତା ରହିଥିବାରୁ ସେ ଜାଣିଶୁଣି ଏହି ଘଟଣା କରିଛନ୍ତି। ଡ୍ରାଇଭର ଗିରଫ ହେବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଆଜି ଦୁରନ୍ତୋ ଏକ୍ସପ୍ରେସର ସମୟ ପରିବର୍ତ୍ତନ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ):

ଭୁବନେଶ୍ୱର-ନୂଆଦିଲ୍ଲୀ ଦୁରନ୍ତୋ ଏକ୍ସପ୍ରେସର ବୁଧବାର ପାଇଁ ସମୟ ସାରଣୀ ପରିବର୍ତ୍ତନ କରାଯାଇଛି। ବୁଧବାର ଭୁବନେଶ୍ୱରରୁ ସକାଳ ୭.୪୦ ପରିବର୍ତ୍ତେ ୫ ଘଣ୍ଟା ବିଳମ୍ବରେ ଅପରାହ୍ନ ୧.୩୦ରେ ଯାତ୍ରା ଆରମ୍ଭ ହେବ। ନୂଆଦିଲ୍ଲୀ-ଭୁବନେଶ୍ୱର ଦୁରନ୍ତୋ ଟ୍ରେନର ଚଳାଚଳ ବିଳମ୍ବ ହେତୁ ଭୁବନେଶ୍ୱରରୁ ବିଳମ୍ବରେ ଚାଲିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି।

## ଅବଦୁଲ କଲାମଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର, ୧୫। ୧୦ (ଡି.ଏନ.ଏ.)

ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସ୍ଥାନୀୟ ନନ୍ଦ କିଶୋର ନଗରଠାରେ ଆୟୋଜିତ ଏକ ସଭାରେ ମଞ୍ଚ ଅଧକ୍ଷ କଲାମଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ସଦସ୍ୟ ସଦସ୍ୟାମାନେ ତାଙ୍କର ବଳିଷ୍ଠ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ।

## କ୍ୟାପିଟାଲ ହସ୍ପିଟାଲ ପରିସରରେ ଉଚ୍ଛେଦ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲ ପରିସରରେ ମଙ୍ଗଳବାର ବିଡିଏ ଓ ବିଏମସିର ମିଳିତ ଉଚ୍ଛେଦ କରାଯାଇଛି। ଏଥିରେ ୭ଟ କ୍ୟାବିନ, ୬ଟି ଫାଷ୍ଟଫୁଡ ଷ୍ଟଲ ଓ ୨ଟି ଘର ଉଚ୍ଛେଦ କରାଯାଇଛି। ଉଚ୍ଛେଦରେ ଗୋଟିଏ ବୁଲ ଡୋଜର ବ୍ୟବହାର କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଓ ବିଏମସିର ଏନଫୋର୍ସମେଣ୍ଟ ସ୍କ୍ୱାଡ ଉପସ୍ଥିତ ଥିଲେ।



ଉତ୍କଳ ରଙ୍ଗ ମଞ୍ଚରେ କର୍ମଜୀବୀ ମହିଳା ଓ ଗୃହିଣୀମାନେ କୁମାର ଉତ୍ସବ ପାଳୁଛନ୍ତି।

## କୁଆଁରପୂନେଇଁ ଗୀତରେ ଝୁମିଲେ ମହିଳା

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ଆଜିକାଲିର ବ୍ୟସ୍ତବହୁଳ ଜୀବନ ଭିତରେ କର୍ମଜୀବୀ ଓ ଗୃହିଣୀଙ୍କ ଭିତରେ କଳା ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଭୁବନେଶ୍ୱର ଲେଡିଜ୍ ଫୋରମ୍ ଏବଂ ଓଡ଼ିଶା ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ କୁମାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଉତ୍କଳ ରଙ୍ଗ ମଞ୍ଚରେ ଧୁମ୍‌ଧାମ୍‌ରେ ଉତ୍ସବ ପାଳନ କରାଯାଇଥିଲା। ପ୍ରଥମେ ଫୋରମ୍‌ର ସମସ୍ତ ସଦସ୍ୟା ଏକତ୍ରିତ ହୋଇ ଚଉରା ପୂଜା କରି କୁମାର ଉତ୍ସବର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ମହିଳା ଓ ଗୃହିଣୀମାନେ ଏକତ୍ରିତ ହୋଇ ସଙ୍ଗୀତ ଓ ନୃତ୍ୟରେ ନିଜକୁ ସାମିଲ କରିଥିଲେ। ପୁଚି ଓ କୁଆଁର ପୂନେଇଁ ଗୀତରେ ମହିଳାମାନେ ମସଗୁଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅସ୍ମିତା ଶତପଥୀଙ୍କ ଓଡ଼ିଶୀ ନୃତ୍ୟ, କୁନି ଝିଅ ରିସିତାଙ୍କ ଦ୍ୱାରା ମ୍ୟାଜିକ୍ ଶୋ ଓ ରୟାଲ୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଗଣେଶ ବନ୍ଦନା କାର୍ଯ୍ୟକ୍ରମରେ ଉତ୍ସାହର ବାତାବରଣ ସୃଷ୍ଟି କରିଥିଲା। ଏହି ଅବସରରେ ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ନାରାୟଣ ମହାପାତ୍ର, ସାମାଜିକକର୍ମୀ ଜୟଶ୍ରୀ ମହାପାତ୍ର, ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର, ଶାଶ୍ୱତୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକତା, ସାହିତ୍ୟ, କଳା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଆଣିଥିବା ମହିଳା ଓ ଯୁବତୀମାନଙ୍କୁ ଫୋରମ୍ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା।

- ମହାଲକ୍ଷ୍ମୀ ନଗରରେ କୁମାରୋତ୍ସବ, ଲକ୍ଷ୍ମୀପୂଜା

## 'ପୁରୁଣା ଭୁବନେଶ୍ୱର ଐତିହ୍ୟ ସ୍ଥଳୀ ବିକାଶ ପାଇଁ ପଦକ୍ଷେପ ନିଆଯାଉଛି'

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)- ଗ୍ୟାରେଜ ଛକ ନିକଟସ୍ଥ ମହାଲକ୍ଷ୍ମୀ ନଗରରେ ଥିବା ମହାଲକ୍ଷ୍ମୀ ମନ୍ଦିର ପରିସରରେ ଲକ୍ଷ୍ମୀପୂଜା ଏବଂ କୁମାରୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ଲକ୍ଷ୍ମୀପୂଜାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ଉଭୟ ଅତିଥି ପୁରୁଣା ଭୁବନେଶ୍ୱରସ୍ଥିତ ଐତିହ୍ୟସ୍ଥଳୀଗୁଡ଼ିକର ବିକାଶ ଲାଗି ରାଜ୍ୟ ସରକାରଙ୍କ ଥିବା ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମାରୋହରେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ପୂର୍ବତନ କର୍ପୋରେଟର ପୁଷ୍ପା ଦାସ, ଯୁବନେତା ସୁବାସ ଚନ୍ଦ୍ର ସୁନ୍ଦରାୟ ଓ ପ୍ରଶାନ୍ତ କୁମାର ଚମ୍ପତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମନୀଷା ପ୍ରିୟଦର୍ଶିନୀଙ୍କ ନିର୍ଦ୍ଦେଶନାରେ ନୃତ୍ୟବିଳାସ ଅନୁଷ୍ଠାନର କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଅଜୟ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେବି କଲେଜର ପୂର୍ବତନ ଅଧକ୍ଷ ତଥା କବି ଡ. ପ୍ରସନ୍ନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।



କୁନି କଳାକାରମାନଙ୍କ ଗହଣରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

## ବିଡିଓଙ୍କ ହସ୍ତକ୍ଷେପ ପରେ ବିଧବାଙ୍କୁ ମିଳିଲା ବକେୟା ଭତ୍ତା

ବାରଙ୍ଗ,୧୫।୧୦(ଡି.ଏନ.ଏ.)

ରାଜ୍ୟ ସରକାର ୫ଟି ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ଅଧିକାରୀମାନଙ୍କୁ ନିଯୁକ୍ତ କରିଛନ୍ତି। ସାଧାରଣଲୋକ ଯେଭଳି ସେମାନଙ୍କ ପ୍ରକୃତ ନ୍ୟାଯ୍ୟ ପ୍ରାପ୍ୟ ପାଇପାରିବେ ସେନେଇ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ତଦାରଖ କରିବା ସହ କର୍ମଚାରୀ ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତାଗିଦ କରୁଛନ୍ତି। ତଥାପି କେତେକ ଅଧିକାରୀଙ୍କ ଚେତା ପଶୁ ନାହିଁ। ବାରଙ୍ଗ ବ୍ଲକର ପଞ୍ଚାୟତ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀମାନେ ଜଣେ ବିଧବାଙ୍କ ଭତ୍ତା ଟଙ୍କାକୁ ଆତ୍ମସାତ କରିବାକୁ ପଛାଇନାହାନ୍ତି। ଯାହାକୁ ନେଇ ମହିଳାଜଣଙ୍କ ବିଡିଓଙ୍କ ପାଖରେ ଅଭିଯୋଗ କରିବାପରେ ଘଟଣାଟି ସମାଧାନ ହୋଇଛି। ଏହି ବ୍ଲକ ଅଧୀନ କୁହ୍ନେଇପଡା ଗ୍ରାମର ଶ୍ରଦ୍ଧାରାଣୀ ପରିଡା ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଯାଇଥିଲେ। କାର୍ଯ୍ୟାଳୟରେ ଭତ୍ତା ଖାତାକୁ ପୈଠ କରିବାପରେ ଗ୍ରାମ ସେବିକା ସଂଯୁକ୍ତା ବେହେରା ତାଙ୍କର ଦୁଇମାସର ଏକ ହଜାରେ ଟଙ୍କା ଖାତାରେ ଉଲ୍ଲେଖ କରାଇ ଦେଇଥିଲେ। କିନ୍ତୁ ଶ୍ରଦ୍ଧାରାଣୀ ବାହରକୁ ଆସି ବକେୟାଥିବା ଦୁଇମାସ ଓ ଚଳିତମାସକୁ ମିଶାଇ ସମୁଦାୟ ୧୫ଶହ ଟଙ୍କା ପାଇବା ବଦଳରେ ୧ହଜାରେ ଟଙ୍କା ଦିଆଯାଇଥିବାର ଜାଣିବାକୁ ପାଇଥିଲେ। ଏ ବିଷୟରେ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ କେହି ଶୁଣି ନ ଥିଲେ। ଏହାପରେ ସେ ଆସି ବିଡିଓ ପ୍ରଭାକର ପଣ୍ଡାଙ୍କୁ ଭେଟି ଦୁଃଖ ଜଣାଇଥିଲେ। ଦାୟିତ୍ୱରେ ଥିବା ଗ୍ରାମସେବିକାଙ୍କୁ ବିଡିଓ ଡାକି ଘଟଣା ବିଷୟରେ ବୁଝିଥିଲେ। ପରେ ଗ୍ରାମସେବିକାକୁ ଏପରି ଭୁଲ ନ କରିବାକୁ ତାଗିଦ କରିବା ସହ ବକେୟା ୫ଶହ ଟଙ୍କା ଗ୍ରାମସେବିକା ଶ୍ରଦ୍ଧାରାଣୀଙ୍କୁ ଫେରାଇବା ସହ କ୍ଷମା ମାଗିଥିଲେ।

# ନଭେମ୍ବର ୧୨ରୁ ବାଲିଯାତ୍ରା

- ସ୍ୱଚ୍ଛତା, ପରିମଳକୁ ଗୁରୁତ୍ୱ: ପଲିଥିନ୍‌କୁ ନା
- ଖାଦ୍ୟ ମାନ ଯାଞ୍ଚ କରିବେ ୪ ଟିମ୍
- ଭେଣ୍ଡିଂ ଜୋନ୍ ବାହାରେ ବସିପାରିବେନି ବ୍ୟବସାୟୀ

କଟକ ଅଫିସ, ୧୫।୧୦:

ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଏବଂ କଟକ ମହାନଗର ନିଗମ ମିଳିତ ଆନୁକୂଲ୍ୟରେ ଚଳିତବର୍ଷର ଐତିହାସିକ ବାଲିଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରିଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ସଦର ତହସିଲଦାର, ଜିଲା ସଂସ୍କୃତି ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ନଭେମ୍ବର ୧୨ରୁ ବାଲିଯାତ୍ରା ଆୟୋଜନ ଲାଗି ନିଷ୍ପତ୍ତି ହୋଇଛି। ଏହା ୮ଦିନ ପର୍ଯ୍ୟନ୍ତ ଚାଲିବାର ପ୍ରସ୍ତାବ ରହିଛି।

'ମୋ ସରକାର' ଏବଂ ୫-ଟି ଆଧାରରେ ଜିଲାରେ ସମ୍ପୃକ୍ତ ବିଭାଗ ସହିତ ସମନ୍ୱୟ ରଖି ନୂତନ ଢାଞ୍ଚାରେ ବାଲିଯାତ୍ରା ଅନୁଷ୍ଠିତ ହେବ। ବୈଠକରେ ମୁଖ୍ୟତଃ ଆଇନ ଶୃଙ୍ଖଳା, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପ୍ରଦର୍ଶନୀ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିଯାତ୍ରା ପଡ଼ିଆକୁ ଚତୁଃପାର୍ଶ୍ୱରୁ ସଂଯୋଗ କରୁଥିବା ରାସ୍ତାଗୁଡିକର ମରାମତି ପାଇଁ ପୂର୍ତ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସିଏମ୍‌ସି ଅସ୍ଥାୟୀ ରାସ୍ତାଗୁଡ଼ିକୁ ସମତଳ ପାଇଁ ପଦକ୍ଷେପ ନେବାକୁ ସ୍ଥିର ହୋଇଛି। ବାଲିଯାତ୍ରା ପଡ଼ିଆ ଭିତରେ ଯାତାୟାତ ସୁବିଧା ନିମନ୍ତେ ବ୍ୟାଟେରି ଚାଳିତ ଯାନ ବ୍ୟବହାର ପାଇଁ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ସହାୟତା ନିଆଯିବ ବୋଲି ଜିଲାପାଳ କହିଥିଲେ। ପ୍ରତ୍ୟେକ ଷ୍ଟଲ, କ୍ଷୁଦ୍ର ବ୍ୟବସାୟୀଙ୍କୁ ପରିଚୟ ପତ୍ର ଦିଆଯିବା ସହ ଲାଇସେନ୍ସଧାରୀ ପ୍ରତି ଷ୍ଟଲରେ ନିଜସ୍ୱ ଖର୍ଚ୍ଚରେ ଡଷ୍ଟବିନ୍ ରଖିବେ। ବୁଲା ବିକାଳି ବା ଅନ୍ୟ କାହାକୁ ଚୋରାରେ ବିଦ୍ୟୁତ୍ ଯୋଗାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୁରକ୍ଷା ଦୃଷ୍ଟିରୁ ଛୋଟ ଦୋକାନୀ ଓ ବୁଲା ବିକାଳିଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ କରାଯିବ। ଭେଣ୍ଡିଂ ଜୋନ ବାହାରେ ବ୍ୟବସାୟୀଙ୍କୁ ବସିବା ପାଇଁ ଅନୁମତି ନ ଦିଆଯିବା ସହିତ ସେମାନଙ୍କଠାରୁ କୌଣସି ମାହାସୁଲ ନିଆଯିବ ନାହିଁ। ଜିଲା ପ୍ରଶାସନ ଏବଂ ପୋଲିସ ସ୍କ୍ୱାଡ୍ ନିୟୋଜିତ ରହି କାର୍ଯ୍ୟ କରିବେ ।

ଚଳିତବର୍ଷ ବାଲିଯାତ୍ରାରେ ପରିମଳ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯିବା ସହ ଖାଦ୍ୟ ମାନ ଯାଞ୍ଚ ପାଇଁ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୪ଟି ଦଳ ରହିବେ ବୋଲି ମହାନଗର ନିଗମ ଆୟୁକ୍ତ ଅନନ୍ୟା ଦାସ କହିଛନ୍ତି। ତଳପଡ଼ିଆ ଓ ଉପରପଡ଼ିଆରେ ଆବଶ୍ୟକ ସଂଖ୍ୟକ ସିସିଟିଭି କ୍ୟାମେରା ଲଗାଯିବା, ପୋଲିସ ପ୍ରଶାସନ, ଓର୍‌ମାସ ତରଫରୁ ୱାଚ୍ ଟାୱାର ବ୍ୟବସ୍ଥା, ବାଲିଯାତ୍ରାରେ ପିଲା ହଜିଗଲେ ଶିଶୁ ପ୍ରଯତ୍ନ ଅନୁଷ୍ଠାନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ରଖାଯିବା, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଅସ୍ଥାୟୀ ସୂଚନାକେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତି ଷ୍ଟଲରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବା, ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ଗାଡ଼ି ସୁବିଧାରେ ଯାତ୍ରାସ୍ଥଳକୁ ଯାତାୟାତ ଲାଗି ପ୍ରଶସ୍ତ ରାସ୍ତାର ସୁବିଧା କରାଯିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।




ବୈଠକରେ ଜିଲାପାଳ ଭବାନୀଶଙ୍କର ଚୟନୀ ଓ ଅନ୍ୟ ଅଧିକାରୀବୃନ୍ଦ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୬/୨୦୧୯ Bhubaneswar, Wednesday, October 16/2019

## ସଂକ୍ଷେପରେ

### ସମୁଦ୍ରରେ ଗାଧୋଇବାବେଳେ ୨ପରୀକ୍ଷାର୍ଥୀ ନିଖୋଜ

ପୁରୀ ଅଫିସ, ୧୫।୧୦: ପୁରୀ ସମୁଦ୍ରରେ ଗାଧୋଇବାବେଳେ ମଙ୍ଗଳବାର ଦୁଇଜଣ ପରୀକ୍ଷାର୍ଥୀ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଦ୍ୱୟ୍ ହେଲେ ଉତ୍ତରପ୍ରଦେଶର ଖରଗୋନର ଅନିଲ ଶିଖରୱାଲ(୨୧) ଓ ଆଗ୍ରାର ବିଜୟ୍ ପଲ୍(୨୧)। ମଙ୍ଗଳବାର ଅପରାହ୍ନ ପ୍ରାୟ୍ ସାଢେ ଗୋଟେବେଳେ ହୋଟେଲ ଶକୁନ୍ତଳା ସମ୍ମୁଖରେ ସମୁଦ୍ରରେ ଗାଧୋଇବାବେଳେ ଏହି ଯୁବକ ଦ୍ୱୟ୍ ଗଭୀର ସମୁଦ୍ରକୁ ଚାଲିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡମାନେ ଦୀର୍ଘ ସମୟ୍ ଧରି ଖୋଜାଖୋଜି କରିଥିଲେ ମଧ ଯୁବକଦ୍ୱୟ୍ଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ସୂଚନାନୁସାରେ, ଭୁବନେଶ୍ୱରରେ ସେନା ନିଯୁକ୍ତି ଲାଗି ଉତ୍ତରପ୍ରଦେଶର ୧୫ରୁ ୨୦ଜଣ ପରୀକ୍ଷାର୍ଥୀ ସାଙ୍ଗ ହୋଇ ଭୁବନେଶ୍ୱର ଆସିଥିଲେ। ମଙ୍ଗଳବାର ସେମାନେ ପୁରୀ ବୁଲିବାକୁ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ସମୁଦ୍ର ସ୍ନାନ ଏବଂ ବେଳାଭୂମିରେ ମଜା ନେବା ଲାଗି ଅପରାହ୍ନରେ ଏଠାରେ ପହଞ୍ଚିଥିଲେ। କେତେଜଣ ବେଳାଭୂମିରେ ରହିଥିବାବେଳେ ଆଉ କେତେଜଣ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ଅନିଲ ଏବଂ ବିଜୟ୍ ସମୁଦ୍ର ଲହଡି ମାଡରେ ଗଭୀର ଭିତରକୁ ଚାଲିଯାଇଥିଲେ। ଚିତ୍କାର ଶୁଣି ଡ୍ୟୁଟିରେ ଥିବା ଲାଇଫଗାର୍ଡ ମାନେ ସମୁଦ୍ର ଗଭୀରକୁ ଯାଇଥିଲେ ମଧ ସେମାନଙ୍କୁ ପାଇ ନ ଥିଲେ। ଏନେଇ ସମୁଦ୍ର କୂଳ ଥାନାରେ ଏକ ଅଭିଯୋଗ ହୋଇଛି।

### ୨ହଜାର ଲାଞ୍ଚନେଇ ଧରାପଡିଲେ ଜିଆରଏସ୍

**ପୁରୀ ଅଫିସ, ୧୫।୧୦:** ପିପିଲି ବ୍ଲକ୍ କୁଳଶିଖରପାଟଣା ପଞ୍ଚାୟତ ଜିଆରଏସ ଲକ୍ଷ୍ମୀପ୍ରିୟା ସାହୁ ୨ହଜାର ଲାଞ୍ଚ ନେଉଥିବାବେଳେ ଦୁର୍ନୀତି ନିବାରଣ ସଂସ୍ଥା ହାତରେ ମଙ୍ଗଳବାର ଧରାପଡିଛନ୍ତି। ପୁରୀ ଓ ଭୁବନେଶ୍ୱର ଦୁର୍ନୀତି ନିବାରଣ ସଂସ୍ଥା ମିଳିତ ଭାବେ ଏହି ଚଢ଼ାଉ କରିଥିଲେ। ପ୍ରକାଶ ଯେ, ବରଗଡାର ଦିପୁ ସ୍ୱାଇଁ ନିର୍ଦ୍ଧାରିତ ସମୟରେ ଏକ ପାଇଖାନା ଏବଂ ବିଜୁ ପକ୍କା ଘର ନିର୍ମାଣ କାର୍ଯ୍ୟ ସାରିଥିଲେ। ଏହା ବାବଦକୁ ପାଇବାକୁ ଥିବା ୨୦ହଜାର ଟଙ୍କା ବୋନୋସ ବ୍ୟବସ୍ଥା କରିଦେବା ଲାଗି ଲକ୍ଷ୍ମୀପ୍ରିୟା ତାଙ୍କୁ ୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଦିପୁ ପୁରୀ ଭିଜିଲାନ୍ସରେ ଲିଖିତ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା କେମିକାଲ ବୋଳାଯାଇଥିବା ଟଙ୍କା ଲକ୍ଷ୍ମୀପ୍ରିୟାଙ୍କୁ ଘର ନିକଟରେ ଦେଇଥିଲେ। ଲକ୍ଷ୍ମୀ ଏହି ଟଙ୍କାକୁ ନେଇ ଆଲମିରାରେ ରଖିଥିଲେ। ପୂର୍ବରୁ ଛକିଥିବା ଭିଜିଲାନ୍ସ ଟିମ୍ ଘରେ ଚଢ଼ାଉ କରି ଏହି ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହି ଚଢ଼ାଉରେ ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍ପି ଅକ୍ଷୟ୍ ମିଶ୍ର, ପୁରୀ ଡିଏସ୍ପି ହରନାରାୟଣ ପତିଙ୍କ ନେତୃତ୍ୱରେ ଆଇଆଇସି ମଦନମୋହନ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪୬/୧୯ରେ ଏକ ମାମଲା ରୁଜୁ ହୋଇଛି।

# ଆର୍ମି ପରୀକ୍ଷାର୍ଥୀଙ୍କ ରହଣି ପାଇଁ ୭ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା

ଧରିତ୍ରୀ ପ୍ରଭାବ

- ବିଏମ୍ସି ନେଲା ପଦକ୍ଷେପ, ତିଆରି ହେଲା ଅସ୍ଥାୟୀ ଶେଡ୍
- କଲ୍ୟାଣମଣ୍ଡପ, ଯାତ୍ରୀନିବାସ, କମ୍ୟୁନିଟି ସେଣ୍ଟରରେ ଆୟୋଜନ



**ଭୁବନେଶ୍ୱର, ୧୫।୧୦(ବ୍ୟୁରେ)**

ଦୁଇଦିନ ରାସ୍ତା କଡ଼ ଫୁଟ୍ପାଥ, ରେଳ ଷ୍ଟେଶନରେ ରାତି ବିତାଇବା ପରେ ଶେଷରେ ଆର୍ମି ରାଲି ପାଇଁ ଆସିଥିବା ହଜାର ହଜାର ପରୀକ୍ଷାର୍ଥୀଙ୍କ ମୁଣ୍ଡଗୁଞ୍ଜିବାକୁ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ବିଏମ୍ସି ପକ୍ଷରୁ ସହରର ୭ଟି ସ୍ଥାନରେ ଅସ୍ଥାୟୀ ରହଣିସ୍ଥଳ ତିଆରି କରାଯାଇଛି। ସେଠାରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ପରୀକ୍ଷାର୍ଥୀମାନେ ରହିବା ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ, ବିହାର ଟେରିଟୋରିଆଲ ଆର୍ମିରେ ନିଯୁକ୍ତି ପାଇଁ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନ ଇନଫାଣ୍ଟ୍ରି କ୍ୟାମ୍ପସରେ ପରୀକ୍ଷା ଚାଲିଛି। ୮ବର୍ଗରେ ମୋଟ ୮୨ ପଦବୀ ପାଇଁ ୧୪ ତାରିଖରୁ ଆରମ୍ଭ ହୋଇଥିବା ପରୀକ୍ଷା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୬ ରାଜ୍ୟରୁ ହଜାର ହଜାର ଆଶାୟୀ ଆବେଦନକାରୀ ଯୁବକ ରାଜଧାନୀକୁ ଆସିଛନ୍ତି। ରହିବା, ଖାଇବା ଓ ବିଶ୍ରାମ ନେବାରେ ନାନା ହଟହଟା ହେଉଛନ୍ତି। ଦୁଇଦିନ ଅତି ଦୟନୀୟ ଭାବେ ଖୋଲା ଆକାଶ ତଳେ ପଡ଼ି ରହିବା ସହ ବର୍ଷା ଓ କାକରରେ ଭିଜିଥିଲେ। ଜ୍ୱର ଓ ଅସୁସ୍ଥତା ମଧ୍ୟରେ ପରୀକ୍ଷା ଦେଇଥିଲେ। ଏ ସଂକ୍ରାନ୍ତରେ ମଙ୍ଗଳବାର ଧରିତ୍ରୀର ପ୍ରଥମ ପୃଷ୍ଠାରେ ସଚିତ୍ର ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ ପାଇଛି। ବିଏମ୍ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ସହର ଭିତରେ ୭ ସ୍ଥାନରେ ପିଲାଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସରିବା ପର୍ଯ୍ୟନ୍ତ ପିଲାଙ୍କ ପାଇଁ ବାସସ୍ଥଳୀ ସହ ସେଠାରେ ଆବଶ୍ୟକ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ପିଇବା ପାଣି, ଗାଧୁଆ ଘର ଓ ଶୌଚାଳୟ ସହ ବିଶ୍ରାମ ଲାଗି ବ୍ୟବସ୍ଥା କରାଯାଇଛି। ୟୁନିଟ୍-୮, ଶାସ୍ତ୍ରୀନଗର କମ୍ୟୁନିଟି ସେଣ୍ଟର, ୟୁନିଟ-୬ କଲ୍ୟାଣ ମଣ୍ଡପ, ବଡ଼ଗଡ଼ କଲ୍ୟାଣ ମଣ୍ଡପ, ଭିଏସଏସ ନଗର କଲ୍ୟାଣ ମଣ୍ଡପ, ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ, କଟକରୋଡ଼ ସ୍ଥିତ ଯାତ୍ରୀ ନିବାସଠାରେ ପିଲାମାନେ ରହିପାରିବେ। ଏହି ସେଣ୍ଟରଗୁଡିକ ଲାଗି ଜଣେ ଲେଖା ନୋଡାଲ ଅଫିସର ମଧ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ବୁଧବାର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିବାକୁ ଥିବା ପିଲାଙ୍କ ପାଇଁ ଦ ୱାର୍ଲ୍ଡ ଶୋ'ରୁମ୍ ନିକଟରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହାସହ ଏଜି କଲୋନୀ ଭିତରେ ୫୦ରୁ ୬୦ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ୪୦ ଅସ୍ଥାୟୀ ଶୌଚାଳୟ ସହ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। କିନ୍ତୁ ଏଯାଏ ୧୨୦ ବାଟାଲିୟନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡିଛି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଙ୍ଗଳବାର ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।

### ହାଇକୋର୍ଟ ବାର୍ ଆସୋସିଏଶନ ଆକ୍ସନ କମିଟି ବୈଠକ

# ନିଷ୍ପତ୍ତି କାର୍ଯ୍ୟକାରୀ ପାଇଁ ଆଜି ହେବ ତର୍ଜମା

**କଟକ ଅଫିସ, ୧୫।୧୦**

ଓଡ଼ିଶା ହାଇକୋର୍ଟରେ ୨ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ କଲେଜିୟମ ରାଷ୍ଟ୍ରପତିଙ୍କୁ ସୁପାରିସ କରିଛନ୍ତି। ତେବେ ଏହି ସୁପାରିସକୁ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବିରୋଧ କରୁଛି। ଏ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ବାର୍ ଆସୋସିଏଶନର ଆକ୍ସନ କମିଟି ଗଠନ କରାଯାଇଥିବାବେଳେ ମଙ୍ଗଳବାର ଏହାର ବୈଠକ ଅନୁଷ୍ଠିତ ହୋଇଥିଲା। ଆସୋସିଏଶନ ହଲ୍ରେ ଅନୁଷ୍ଠିତ ଏହି ବୈଠକରେ ଏକାଧିକ ନିଷ୍ପତ୍ତି ନିଆଯାଇ ହାଇକୋର୍ଟ ବାର୍ ଆସୋସିଏଶନକୁ ସୁପାରିସ କରାଯାଇଛି। ବୁଧବାର ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଆକ୍ସନ କମିଟିର ଏହି ନିଷ୍ପତ୍ତି ଉପରେ ତର୍ଜମା କରାଯାଇ ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ଥିର ହେବ ବୋଲି ଆସୋସିଏଶନ ସମ୍ପାଦକ ସଞ୍ଜୟ ଦାସ କହିଛନ୍ତି। ବାର୍ ଆସୋସିଏଶନର ସଭାପତି ଗୋପାଳକୃଷ୍ଣ ମହାନ୍ତି ଏବଂ ସମ୍ପାଦକ ଦାସ ଏହି କମିଟିର ନେତୃତ୍ୱ ନେଉଛନ୍ତି। ଆକ୍ସନ କମିଟି ପକ୍ଷରୁ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ହାଇକୋର୍ଟ ବାର୍ ପକ୍ଷରୁ ସୁପ୍ରିମ୍କୋର୍ଟରେ ରିଟ୍ ଆବେଦନ କରାଯାଇପାରିବ। ସେହିପରି ଏହି ରିଟ୍ ଆବେଦନରେ ବିଚାରପତି ନିଯୁକ୍ତି ପ୍ରସଙ୍ଗରେ ଗାଇଡ୍ ଲାଇନ୍ ପ୍ରସ୍ତୁତ କରିବାକୁ ସୁପ୍ରିମ୍କୋର୍ଟରେ ପ୍ରାର୍ଥନା କରାଯିବା ଆବଶ୍ୟକ ବୋଲି କମିଟି ବାର୍ ଆସୋସିଏଶନକୁ ସୁପାରିଶ କରିଛି। ଅନ୍ୟପକ୍ଷରେ ଆସନ୍ତା ଶୁକ୍ରବାର ରାଜ୍ୟର ସମସ୍ତ ଆଇନଜୀବୀ କୋର୍ଟ କାର୍ଯ୍ୟ ବର୍ଜନ କରି ଆନ୍ଦୋଳନ କରିବାକୁ ଏହି କମିଟି ବାର୍ ଆସୋସିଏଶନକୁ ସୁପାରିଶ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ କେନ୍ଦ୍ର ଆଇନ ମନ୍ତ୍ରୀ ଏବଂ ଅନ୍ୟମାନଙ୍କୁ ବାର୍ ପକ୍ଷରୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଆବଶ୍ୟକ ପଡ଼ିଲେ ଦିଲ୍ଲୀରେ ଏ ନେଇ ପ୍ରେସ୍ କନ୍ଫରେନ୍ସ ଆୟୋଜନ କରାଯିବ ବୋଲି ବାର୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଆକ୍ସନ୍ କମିଟି ବୈଠକରେ ସ୍ଥିର ହୋଇଛି।

**ଓଡ଼ିଶା ହାଇକୋର୍ଟରେ ନୂଆ ବିଚାରପତି ନିଯୁକ୍ତି ପ୍ରସଙ୍ଗ**

# ସିଂହଦ୍ୱାରରୁ ପଶୁପତିନାଥ ମୈତ୍ରୀଯାତ୍ରା ଆରମ୍ଭ




ଶ୍ରୀମନ୍ଦିର ସିଂହଦ୍ୱାରରୁ ବାହାରିଥିବା ମୈତ୍ରୀ ଯାତ୍ରା।

**ପୁରୀ ଅଫିସ, ୧୫।୧୦**

ଶ୍ରୀମନ୍ଦିର ସିଂହଦ୍ୱାରରୁ ଆରମ୍ଭ ହୋଇଛି ପଶୁପତିନାଥ ମୈତ୍ରୀ ଯାତ୍ରା। ବିଶିଷ୍ଟ ଗୋସେବକ ସ୍ୱାମୀ ଦିବ୍ୟାନନ୍ଦ ଗିରିଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନରେ ସିଂହଦ୍ୱାରରୁ ୪୫ ଜଣ ଭକ୍ତଙ୍କୁ ନେଇ ନେପାଳ ପଶୁପତିନାଥ ମନ୍ଦିର ଅଭିମୁଖେ ଏହି ମୈତ୍ରୀ ଯାତ୍ରାର ଶୁଭାରମ୍ଭ ହୋଇଛି। କ୍ରିୟାଯୋଗ ଆଶ୍ରମର ସ୍ୱାମୀ ଶଙ୍କରାନନ୍ଦ ଗିରି ସ୍ୱାମୀ ଦିବ୍ୟାନନ୍ଦଙ୍କୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ, ପୁଷ୍ପମାଲ୍ୟ, ଉତ୍ତରୀୟ ପ୍ରଦାନ କରି ଯାତ୍ରା ଆରମ୍ଭ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରି ଆସନ୍ତା ୨୦ ତାରିଖରେ ଯାତ୍ରୀମାନେ ପଶୁପତି ନାଥ ମନ୍ଦିରରେ ପହଞ୍ଚିବେ। ଏହି ମୈତ୍ରୀ ଯାତ୍ରୀ ପ୍ରଥମ ରାତି ଟାଟା ନଗର, ଦ୍ୱିତୀୟ ରାତି ପାଟନା, ତୃତୀୟ ରାତି ମା' ସୀତାଙ୍କ ଜନ୍ମସ୍ଥାନ ନେପାଳର ଜନକପୁରୀଠାରେ କାଟିବେ। ଜନକପୁରୀଠାରୁ ପୋଖରା ଦେଇ ଯାତ୍ରୀ ଦଳ କାଠମାଣ୍ଡୁରେ ପହଞ୍ଚିବେ। ପଶୁପତିନାଥ ମନ୍ଦିର ମୁଖ୍ୟ ପ୍ରଶାସକ ମୈତ୍ରୀ ଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ମନ୍ଦିରରେ ଦର୍ଶନ ବ୍ୟବସ୍ଥା କରାଇବେ। ଯାତ୍ରା ସରିବା ପରେ ଯାତ୍ରୀମାନେ ୨,୨୦୦ ପବିତ୍ର ଶାଳଗ୍ରାମ (ଚଳନ୍ତି ବିଷ୍ଣୁ) ପୂଜା କରି ଓଡ଼ିଶା ଆଣିବାର କାର୍ଯ୍ୟକ୍ରମ ରହିଛି। ୨୪ ତାରିଖରେ ମୈତ୍ରୀ ଯାତ୍ରୀ ଜଗନ୍ନାଥ ଧାମରେ ପହଞ୍ଚିବେ। ଯୁଗ ଯୁଗ ଧରି ଶ୍ରୀକ୍ଷେତ୍ର ସହ ନେପାଳର ସମ୍ପର୍କ ନିବିଡ଼। ଶାଳଗ୍ରାମ ଓଡ଼ିଶାରେ ପହଞ୍ଚିବା ପରେ ଚଣ୍ଡିଖୋଲଠାରୁ କୀର୍ତ୍ତନମଣ୍ଡଳୀ ଓ ପାରମ୍ପରିକ ବାଦ୍ୟଯନ୍ତ୍ରଦ୍ୱାରା ସେମାନଙ୍କୁ ସ୍ୱାଗତ କରାଯାଇ ଭୁବନେଶ୍ୱର ଅଣାଯିବ। ଭୁବନେଶ୍ୱର ପ୍ରବେଶ ପଥରେ ବହୁ ବିଶିଷ୍ଟ ବ୍ୟକ୍ତି ଶାଳଗ୍ରାମଙ୍କୁ ସ୍ୱାଗତ କରିବେ। ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ଏହି ଯାତ୍ରାର ପରିଚାଳନା କରିବେ।




### ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଯୋଗ୍ୟ ଘୋଷଣା ମାମଲା

# ନିମ୍ନ ଅଦାଲତଙ୍କ ରାୟ ଉପରେ ହାଇକୋର୍ଟଙ୍କ ରହିତାଦେଶ

**କଟକ ଅଫିସ, ୧୫।୧୦**



କନ୍ଧମାଳ ଜିଲା ଦୌରାଜକ୍ ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନଙ୍କୁ ଅଯୋଗ୍ୟ ଘୋଷଣା କରିଥିବା ବେଳେ ମଙ୍ଗଳବାର ହାଇକୋର୍ଟ ଏହି ଆଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ସୁବେନ୍ତୀଙ୍କ ୬ଟି ପିଲା ଥିବା ଦର୍ଶାଇ ସମିତି ସଭ୍ୟା ରୁଡ଼ା ମଲିକ କନ୍ଧମାଳ ଜିଲା ଦୌରାଜଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି କରି ଜିଲା ଦୌରାଜକ୍ ସୁବେନ୍ତୀଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଆଇନଜୀବୀ କୋର୍ଟ ବର୍ଜନ ଆନ୍ଦୋଳନ ଚଳାଇଥିବାବେଳେ ସୁବେନ୍ତୀ ଉପସ୍ଥିତ ରହି ନିଜ ମାମଲା ପରିଚାଳନା କରିଥିଲେ। ଶୁଣାଣିରେ ସେ ଦର୍ଶାଇ ଥିଲେ, ୧୯୯୫ରେ ଲୋକ ପ୍ରତିନିଧି ଆଇନ ପ୍ରଣୀତ ହୋଇଥିବାବେଳେ ତାଙ୍କର ୬ଷ୍ଠ ତଥା ଅନ୍ତିମ ସନ୍ତାନ ୧୯୯୪ରେ ଜନ୍ମ ଗ୍ରହଣ କରିଥିଲେ। ତେଣୁ ନିମ୍ନ ଅଦାଲତଙ୍କ ଏହି ନିଷ୍ପତ୍ତିକୁ ତର୍ଜମା କରିବାକୁ ସେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ବିଚାରପତି ସି. ଆର୍. ଦାସ ଏହି ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି।



with you hamesha 1800-209-6006
UDAY
10 ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଆଉ ଅନ୍ୟ ଆକର୍ଷକ ସୁବିଧା କେବଳ ଉଦୟ ସଦସ୍ୟଙ୍କ ସକାଶେ
#ସର୍ତ୍ତ ଓ ନିୟମାବଳୀ ଲାଗିବ। ପ୍ରଦର୍ଶିତ ସହ-ଉପକରଣ ଗୁଡ଼ିକ ମାନକ ଉପକରଣଙ୍କ ଭାଗ ନୁହେଁ। ନଗଦ ରିହାତି ଏବଂ ବିନିମୟ ବୋନସ୍ ଅଫରରେ ଅନ୍ତର୍ଭୁକ୍ତ। ଯଦି ଆପଣ ପିକ୍-ଅପ୍ ଗ୍ୟାରେଣ୍ଟି ସ୍କିମ୍ ବାଛନ୍ତି, ଅଫର ଉପଲବ୍ଧ ହେବ ନାହିଁ। *SIAM ଦ୍ୱାରା 2 ରୁ 3.5 t ର କମର୍ସିଆଲ୍ ଯାନଗୁଡିକ ପାଇଁ ଘୋଷିତ ଭଲ୍ୟୁମ୍ସ ଅନୁଯାୟୀ।
UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 9873942631
ADITYA MOTORS: CUTTACK, JAGATSINGHPUR, JAJPUR, PANIKOILI, KENDRAPARA, PURI, NAYAGARH, KHURDA: 7873999023, 7873999040



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ।
-ସାଇବାବା



## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ: ଯୁବକ ଗିରଫ

ମାହାଙ୍ଗା,୧୫।୧୦(ସ୍ୱ.ପ୍ର.): ମାହାଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ଏହି ଫଟୋକୁ ଭାଇରାଲ କରିଥିବା ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଥାନା ଅଧୀନ ଭଁରାଜ ଗ୍ରାମର ସତ୍ୟ ସାହୁ (୨୭)। ସତ୍ୟ ସମ୍ପୃକ୍ତ ଯୁବତୀଙ୍କୁ ପ୍ରେମ କରୁଥିଲେ। କିଛିଦିନ ପରେ ଉଭୟଙ୍କ ମଧ୍ୟରେ ମନମାଳିନ୍ୟ ହେବାରୁ ପରସ୍ପରଠାରୁ ଦୂରେଇ ଯାଇଥିଲେ। ଫଳରେ ସତ୍ୟ ବ୍ୟତିବ୍ୟସ୍ତ ହୋଇ ରାଜ୍ୟ ବାହାରକୁ ପଳାଇଥିଲେ। ଏବେ ଘରକୁ ଆସିବା ପରେ ଯୁବତୀଙ୍କ ଘରକୁ ଯାଇ ତାଙ୍କ ଫଟୋ ଉଠାଇ ଆଣିଥିଲେ। ଏହାପରେ ସେହି ଫଟୋକୁ ଅଶ୍ଳୀଳ ଫଟୋ ସହ ଯୋଡି ଭାଇରାଲ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୨୦୬/୧୯ ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ବୈଷ୍ଣବ ପାଣି ଜୟନ୍ତୀରେ ଫିକା ପଡ଼ିଲା ସାହିତ୍ୟ ସଭା
### ଆସିଲେନି ଅତିଥି

ଲଳିତଗିରି,୧୫।୧୦(ସ୍ୱ.ପ୍ର.): ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ ପାଳିତ ହେଉଥିବା ପାଣିଙ୍କ ଜନ୍ମ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟାରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଆୟୋଜିତ ସାହିତ୍ୟ ସଭାରେ କେହି ଅତିଥି ଯୋଗ ଦେଇ ନ ଥିଲେ। ଫଳରେ ସାହିତ୍ୟ ସଭା ଫିକା ପଡ଼ିଥିଲା। ଏହା ସାହିତ୍ୟ ପ୍ରେମୀଙ୍କୁ ନିରାଶ କରିଥିଲା। ସନ୍ଧ୍ୟା ୭ଟା ପରିବର୍ତ୍ତେ ରାତି ୮ଟା ପରେ ଆରମ୍ଭ ହୋଇଥିବା ସାହିତ୍ୟ ସଭାରେ ମୁଖ୍ୟଅତିଥିଭାବେ ପ୍ରତାପ ଜେନା, ବିଶିଷ୍ଟ ଅତିଥି ଅଶୋକ କୁମାର ପରିଜା, ସମ୍ମାନିତ ଅତିଥି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ମୁଖ୍ୟବକ୍ତା ଡ. ସରୋଜିନୀ ପାଣି, ସମ୍ମାନିତ ବକ୍ତା ଭକ୍ତଚରଣ ସାହୁ ପ୍ରମୁଖ ଅତିଥି ହେବାର ଥିଲା। ହେଲେ କେହି ନ ଆସିବାରୁ ବହୁ ଆଡ଼ମ୍ବରେ ଲଘୁକ୍ରିୟା ପାଳଟିବା ଚର୍ଚ୍ଚା ହେଉଛି। ପରେ ପ୍ରାଧାପକ ନିଖିଳେଶପଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମାହାଙ୍ଗା ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ସୁବାସ ବେହେରା, କବି ନାରାୟଣ ମୁଦୁଲି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସ, ଅଶୋକ ବିଶ୍ୱାଳ ଓ ରାମ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହାପରେ ସଭାରେ କିଏ ଅଧିକ ସମୟ ଭାଷଣ ଦେବ ସେହି ପ୍ରସଙ୍ଗକୁ ନେଇ ଦୁଇ ବକ୍ତାଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଉଭୟଙ୍କୁ ବହୁ ବୁଝାଶୁଝା କରିବା ପରେ ବିବାଦ ସମାଧାନ ହୋଇଥିଲା।

## ■ ଆଠଗଡ଼ ଥାନା ଅଞ୍ଚଳରେ ବଢ଼ୁଛି ଚୋରି, ରାହାଜାନି
# ଲୁଟେରାଙ୍କୁ ଧରିପାରୁନି ପୋଲିସ

■ଆତଙ୍କିତ ହୋଇ ପଡ଼ିଲେଣି ଜନସାଧାରଣ
■କଡ଼ା ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି

ଆଠଗଡ଼,୧୫।୧୦(ସ୍ୱ.ପ୍ର.)

ଆଠଗଡ଼ ଥାନା ଅଞ୍ଚଳରେ କିଛିଦିନ ହେବ ଚୋରି, ରାହାଜାନି ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଥାନାରେ ଏକାଧିକ ଅଭିଯୋଗ ହେଲାଣି। କିନ୍ତୁ ପୋଲିସ ଲୁଟେରାଙ୍କୁ ଧରିବାରେ ସକ୍ଷମ ହେଉନାହିଁ କିମ୍ବା ଲୁଟ୍ ସାମଗ୍ରୀ ମଧ୍ୟ ଉଦ୍ଧାର କରି ପାରୁନାହିଁ। ଫଳରେ ଏହାକୁ ନେଇ ଜନସାଧାରଣ ଆତଙ୍କିତ ହୋଇ ପଡ଼ିଲେଣି। ୩ଦିନ ମଧ୍ୟରେ ୫ରୁ ଊର୍ଦ୍ଧ୍ୱ ଲୁଟ୍ ଘଟିଥିବା ନଜରକୁ ଆସିଛି। ତେଣୁ ଥାନା ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

ସୂଚନା ଅନୁସାରେ, ଥାନା ଅଧୀନ ଦୋରଡ଼ ପ୍ରାଥମିକ ବିଦ୍ୟାଳୟରେ ଗତ ୧୩ତାରିଖରେ ଦୁର୍ବୃତ୍ତ ମଧ୍ୟାହ୍ନଭୋଜନ ପାଇଁ ଗଚ୍ଛିତ ଥିବା ୧୦ବସ୍ତା ଚାଉଳ ଚୋରି କରିଥିଲେ। ଏନେଇ ଥାନାରେ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ମହାପାତ୍ର ଅଭିଯୋଗ କରିଛନ୍ତି। ମଙ୍ଗଳବାର ଆଠଗଡ଼-ଧବଳେଶ୍ୱର ରାସ୍ତାର ହରିଡ଼ଗହିର ଓ ଦହିସରା ମଧ୍ୟବର୍ତ୍ତୀ ସ୍ଥାନରେ ଜଣେ ମହିଳାଙ୍କଠାରୁ ଅଳଙ୍କାର ଛିନ୍‌ତାଇ ହୋଇଛି। ନରସିଂହପୁର ବ୍ଲକ ସିଆରିଆ ଗ୍ରାମର ରଶ୍ମିତା ସାହୁ ଦିନ ପ୍ରାୟ ୧ଟା୩୦ରେ ତାଙ୍କ ଭାଇଙ୍କ ସହ ବାଇକ ଯୋଗେ ଯାଉଥିଲେ। ଏହି ସମୟରେ ପଛପଟୁ ଏକ ବାଇକରେ ୨ଯୁବକ ଆସି ହଠାତ୍ ରଶ୍ମିତାଙ୍କ ମୁହଁକୁ କିଛି ଫେଣ ଜାତୀୟ ପଦାର୍ଥ ସ୍ପ୍ରେ କରିଥିଲେ। ପରେ ତାଙ୍କ ବେକରୁ ଏକ ମଙ୍ଗଳସୂତ୍ର ଓ ସୁନା ଚେନ୍ ନେଇ ପଳାଇଥିଲେ। ଏହି ୨ଟିର ଓଜନ ପ୍ରାୟ ୩୦ଗ୍ରାମ ହେବ। ଟଣା ଓଟରା ଯୋଗୁ ଭାଇଭଉଣୀ ରାସ୍ତାରେ ପଡିଯାଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ପରେ ସେମାନେ ଆସି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ନଂ-୨୫୬/୧୯ ରୁଜୁ ହୋଇଛି। ପୋଲିସ ସେହି ରାସ୍ତାରେ ବହୁ ଖୋଜାଖୋଜି କରିବା ସହ ଅନ୍ୟ ଥାନାକୁ ସୂଚନା ଦେଇଥିଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଗତ ରବିବାର ମଧ୍ୟରାତ୍ରିରେ ଜେନାପଦାଦେଶ ଗ୍ରାମର ପରିବା ବ୍ୟବସାୟୀ ବିଭୂତି ପ୍ରଧାନ କନ୍ଧମାଳର ରାଇକିଆରୁ କୋବି ନେଇ ଆସୁଥିଲେ। ମାରୁଗୋଠ ଛକଠାରେ ଜେନାପଦା ଗ୍ରାମର ରତ୍ନାକର ସ୍ୱାଇଁ ଓ ଅନ୍ୟ ୮ଜଣ ତାଙ୍କ ଗାଡି ଅଟକାଇ ଚାଳକଙ୍କୁ ମାଡମାରିବା ସହ ବିଭୂତିଙ୍କଠାରୁ ୭୦ହଜାର ଟଙ୍କା ଛଡାଇ ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୨୫୫/୧୯ରୁଜୁ କରି ତଦନ୍ତ ଚଳାଇବା ସହ ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଏତଦ୍‌ବ୍ୟତୀତ ୧୦ତାରିଖ ସକାଳ ପ୍ରାୟ ୧୦ଟାରେ ଅଶୋକନଗରର ଅଶୋକ ମହାନ୍ତିଙ୍କ ସ୍ତ୍ରୀ ନିକଟସ୍ଥ ଏକ ଦୋକାନରୁ କିଛି ସାମଗ୍ରୀ ଆଣି ଘରକୁ ଚାଲିଚାଲି ଫେରୁଥିଲେ। ଏହି ସମୟରେ ବାଇକରେ ୨ ଯୁବକ ଆସି ତାଙ୍କୁ ଅଟକାଇ କୌଣସି ବ୍ୟକ୍ତିଙ୍କ ଠିକଣା ପଚାରିବା ବାହାନାରେ ତାଙ୍କ ବେକରୁ ୨୦ଗ୍ରାମ ଓଜନର ସୁନାଚେନ୍ ନେଇ ପଳାଇଥିଲେ। ଏନେଇ ଥାନାରେ ନଂ-୨୫୦/୧୯ରେ ମାମଲା ରୁଜୁ ହୋଇଛି। ଆଠଗଡ଼-ମୁଣ୍ଡଳି ରାସ୍ତାର ମେଘା ଗ୍ରାମ ନିକଟରେ ଜଣେ ପରିବା ବ୍ୟବସାୟୀଙ୍କ ଠାରୁ ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଗତ ରବିବାର ରାଧାଗୋବିନ୍ଦପୁର ମୁଖ୍ୟରାସ୍ତା କଡରେ ଜଣେ ଆୟୁର୍ବେଦିକ ଚିକିତ୍ସକଙ୍କ ଘର ସମ୍ମୁଖରୁ ଏକ ବାଇକ ଆଖି ପିଛୁଳାକେ ଲୁଟ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରି ଅନେକ ଛୋଟବଡ ଲୁଟ ଓ ଛିନ୍‌ତାଇ ଘଟଣା ଘଟୁଥିଲେ ମଧ୍ୟ କୌଣସି ଗୋଟିଏ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇପାରୁନଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଆଠଗଡ଼ ଥାନା ଅଧିକାରୀ ପ୍ରଭାତ କୁମାର ମଲ୍ଲିକ କହିଛନ୍ତି, ଲୁଟେରା ଘଟଣା ଘଟାଇ ବିଭିନ୍ନ ରାସ୍ତାରେ ଫେରାର ହୋଇ ଯାଉଛନ୍ତି। ଯାହାକି ସେମାନଙ୍କୁ ସହଜରେ ଧରିବା ସମ୍ଭବ ହେଉନାହିଁ। ତେଣୁ ଏବେ ସେମାନଙ୍କୁ ଠାବ କରିବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରାଯାଉଛି। ଖୁବ୍‌ଶୀଘ୍ର ଏ ଦିଗରେ ଆମେ ସଫଳ ହେବୁ। ଜନସାଧାରଣ ମଧ୍ୟ ଏ ଦିଗରେ ସଚେତନ ହେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ପଞ୍ଚାୟତର ଜନସାଧାରଣ।

## ଆବାସ ଯୋଜନା ତଦନ୍ତରେ ଅନିୟମିତତା
# ୧୮ରେ ବ୍ଲକ କାର୍ଯ୍ୟାଳୟ ଘେରାଉ

ବଡ଼ମ୍ବା,୧୫।୧୦(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ବଡ଼ମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ତଦନ୍ତ କରାଯାଇଥିଲା। ତେବେ ଏହି ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ପରବର୍ତ୍ତୀ ସମୟରେ ଅଭିଯୋଗ ଆସିଥିଲା। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ଏହାର ପୁନଃ ତଦନ୍ତ ନିମନ୍ତେ କୌଣସି ବ୍ୟବସ୍ଥା କରାଗଲା ନାହିଁ। ଫଳରେ ଏହାକୁ ନେଇ ବ୍ଲକ ଅଧୀନ ଗୋପମଥୁରା, କୋଲେଶ୍ୱର ପଞ୍ଚାୟତବାସୀଙ୍କ ତରଫରୁ ନିକଟରେ ବ୍ଲକ ଘେରାଉ କରାଯାଇଥିଲା। ଅନ୍ୟ ପଞ୍ଚାୟତର ବହୁ ଜନସାଧାରଣ ମଧ୍ୟ ସମାନ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ପୁନଃ ବ୍ଲକ କାର୍ଯ୍ୟାଳୟ ଘେରାଉ ପାଇଁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସ୍ଥାନୀୟ ରାଜବିଶ୍ୱମ୍ଭର କ୍ଲବଠାରେ ଏହି ଖବରଦାତା ସମ୍ମିଳନୀ ହୋଇଥିଲା। ଆସନ୍ତା ୧୮ତାରିଖରେ ବଡ଼ମ୍ବାଗଡ଼ ଓ ରଗଡ଼ିପଡା ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ଜନସାଧାରଣ ବ୍ଲକ ଘେରାଉ କରିବା ସହ ବ୍ୟାପକ ଆନ୍ଦୋଳନ କରିବେ ବୋଲି ସୂଚନା ଦେଇଛନ୍ତି। ଯେପର୍ଯ୍ୟନ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ତାଲିକାରେ ସାମିଲ କରା ନ ଯାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି କୁହାଯାଇଛି। ସାମାଜିକ କର୍ମୀ ଚିନ୍ମୟ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ରଗଡିପଡା, କୋଲେଶ୍ୱର, ବଡ଼ମ୍ବାଗଡ଼, ଶଙ୍ଖାମେରୀ ସମେତ ଅନ୍ୟ ପଞ୍ଚାୟତର ଜନସାଧାରଣ ଉପସ୍ଥିତ ରହି ସେମାନଙ୍କ ମତ ପ୍ରଦାନ କରିଥିଲେ।

## ବଡ଼ଘର ରତାପାଟ ମହୋତ୍ସବ ଉଦ୍‌ଯାପିତ
# ଭାଗବତରେ ଶଙ୍ଖାମେରି ଦଳ ଚାମ୍ପିୟନ

ବଡ଼ମ୍ବା,୧୫।୧୦(ଡି.ଏନ.ଏ,)

ବଡ଼ମ୍ବା ବ୍ଲକ ଅଧୀନ ରତାପାଟ ଗ୍ରାମର ଦୁର୍ଗାଦେବୀ ପୂଜାକମିଟି ପକ୍ଷରୁ ରତାପାଟ ବଡ଼ଘର ପ୍ରାଙ୍ଗଣରେ ଚାଲିଥିବା ବଡ଼ଘର ରତାପାଟ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ଜୟକୃଷ୍ଣ ପଲେଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୫ ଦିନଧରି ଚାଲିଥିବା ଉକ୍ତ ମହୋତ୍ସବରେ ବିଭିନ୍ନ ଦିନରେ ଭାଗବତ ପ୍ରତିଯୋଗିତା ସହିତ ପାଇକ ଆଖଡ଼ା ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ୍ ଅନ୍ତର୍ଗତ ଶଙ୍ଖାମେରି ଗ୍ରାମ(କପାପଦା ସାହି) ଓ ଚଣ୍ଡିମଙ୍ଗଳ ଭାଗବତଦଳଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଶଙ୍ଖାମେରି ଦଳ ଚାମ୍ପିୟନ ହୋଇଥିବାବେଳେ ଚଣ୍ଡିମଙ୍ଗଳଦଳ ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ଆଲୋକ ବଳିଆରସିଂହ, ସମ୍ମାନିତ ଅତିଥି କିରଣବିହାରୀ ଖଟୁଆ, ଜିତୁ ସାମଲ, ରତାପାଟ ସରପଞ୍ଚ ଦୁର୍ଗାପ୍ରିୟା ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ।



ଭାଗବତ ପ୍ରତିଯୋଗିତାରେ ଚାମ୍ପିୟନ୍ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ସାଲେପୁର,୧୫।୧୦(ଡି.ଏନ.ଏ.)

ସାପ କାମୁଡ଼ାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ଥାନା ଅଧୀନ ତେନ୍ତୋଳ ପଞ୍ଚାୟତ ପାଟପୁର ଗ୍ରାମର ହେମନ୍ତ ବେହେରା(୩୫)। ସୂଚନା ଅନୁଯାୟୀ ହେମନ୍ତ ରବିବାର ସନ୍ଧ୍ୟାରେ ତାଙ୍କ ନଡ଼ା ଗଦାରୁ ନଡ଼ା ଆଣୁଥିଲେ। ଏହି ସମୟରେ ହଠାତ୍ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନା ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେନ୍ତୋଳର ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶଙ୍କ ସମେତ ବହୁ ବ୍ୟକ୍ତି ଗଭୀର ଶୋକପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ବାଙ୍କୀର ସୁନାମ ରହିଛି



ବାଙ୍କୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବାଙ୍କୀ ମହୋତ୍ସବର ତୃତୀୟ ସନ୍ଧ୍ୟା

ବାଙ୍କୀ,୧୫।୧୦(ସ୍ୱ.ପ୍ର.)

ବାଙ୍କୀ ମହୋତ୍ସବର ତୃତୀୟ ସନ୍ଧ୍ୟା ମଙ୍ଗଳବାର ମହୋତ୍ସବ ସଭାପତି ପ୍ରଭାତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ, ଓଡ଼ିଶାର ବାଙ୍କୀ ଅଞ୍ଚଳ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିଛି। ବାଙ୍କୀ ମହୋତ୍ସବ ଆମ ସଂସ୍କୃତି ଓ ଐତିହ୍ୟର ଧାରାକୁ ଅଧିକ ଗତିଶୀଳ ଓ ଆକର୍ଷଣ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ଚେତନାର ବିକାଶରେ ସହାୟକ ହୋଇଛି। ଓଡ଼ିଶାର ଶକ୍ତିପୀଠମାନଙ୍କ ମଧ୍ୟରେ ବାଙ୍କୀର ମା'ଚର୍ଚ୍ଚିକାଙ୍କ ପୀଠ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ବହନକରେ। ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଏ ମାଟିର ଯୋଗ୍ୟ ସନ୍ତାନମାନଙ୍କ ଜୀବନାଦର୍ଶନ ଯୁବପିଢିଙ୍କ ସମ୍ମୁଖରେ ତୋଳି ଧରିବାରେ ମହୋତ୍ସବ ଆୟୋଜନ ମୁଖ୍ୟ ଭୂମିକା ଗ୍ରହଣ କରିବ। ବାଙ୍କୀ ବିଡିଓ ପ୍ରଭାତ ସାହୁ, ମହୋତ୍ସବ ଉପସଭାପତି ତ୍ରିଲୋଚନ ରାଉତ, ପ୍ରଣବ ପଟେଲ, ସୌମେନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଉତ୍ସବରେ ପାଲାଗାୟକ ଲକ୍ଷ୍ମୀଧର ପଣ୍ଡା, ପ୍ରଦୀପ ରାଜ, ଚିତ୍ରଶିଳ୍ପୀ ପୁରୁଷୋତ୍ତମ ମହାପାତ୍ର, ଉଦ୍ୟାନବିତ୍ ପ୍ରିୟନାଥ ମହପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବ ମୁଖ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କବି ଜାପାନୀ ଜଗଦେବଙ୍କ 'କବିତା କଳି' ଓ ମାଗୁଣି ସାହୁଙ୍କ 'ବାଙ୍କୀ ଭାଗବତ' ପୁସ୍ତକ ଉନ୍ମୋଚନ ହୋଇଥିଲା। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ସାଲେପୁର ଥାନା ପରିଦର୍ଶନ କଲେ ୫-ଟି ସଚିବ

ସାଲେପୁର,୧୫।୧୦ (ଡି.ଏନ.ଏ.)

'ମୋ ସରକାର' ଯୋଜନା ପ୍ରାଥମିକ ପର୍ଯ୍ୟାୟରେ ସମସ୍ତ ମେଡିକାଲ ଓ ଥାନାରେ ଲାଗୁ କରାଯାଇଛି। ତେବେ ଯୋଜନା ଲାଗୁ କରାଯିବା ପରେ ଲୋକଙ୍କୁ କି ପ୍ରକାର ସେବା ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ଜାଣିବା ପାଇଁ ମୋ ସରକାର ଅଧୀନରେ ଥିବା ୫-ଟିର ସଚିବ ଭି.କାର୍ତ୍ତିକେୟନ୍ ପାଣ୍ଡିଆନ ଓ ଅନ୍ୟ ପଦାଧିକାରୀ ମେଡ଼ିକାଲ ଓ ଥାନା ପରିଦର୍ଶନ କରୁଛନ୍ତି। ଏହିକ୍ରମରେ ମଙ୍ଗଳବାର ୫-ଟି ସଚିବ ପାଣ୍ଡିଆନ ଓ ଅନ୍ୟ ପଦାଧିକାରୀ ସାଲେପୁର ମଡେଲ ଥାନା ପରିଦର୍ଶନ କରିଥିଲେ। ଦିନ ପ୍ରାୟ ୧୨ଟା୩୦ରେ ପାଣ୍ଡିଆନ ଓ ଅନ୍ୟ ଅଧିକାରୀ ଥାନାରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ୧୫ମିନିଟ୍ ରହି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଜଣେ ଅଭିଯୋଗକାରୀଙ୍କ ସହ ପାଣ୍ଡିଆନ ନିଜ ଟେଲିଫୋନ୍ ମାଧ୍ୟମରେ ପୋଲିସ୍‌ର ସେବା ସମ୍ପର୍କରେ ପଚାରି ବୁଝିଥିଲେ। ପାଣ୍ଡିଆନଙ୍କ ସହ ପ୍ରମୁଖ ଶାସନ ସଚିବ ସୁରେଶ ମହାପାତ୍ର ଉପସ୍ଥିତ ଥିଲେ। ଥାନା ଅଧିକାରୀ ଦେବେନ୍ଦ୍ର -ମଲ୍ଲିକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ମୁର୍ଶିଦାବାଦ୍ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଗିରଫ ଦାବି

ଆଠଗଡ଼,୧୫।୧୦(ସ୍ୱ.ପ୍ର.)

ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଗତ ୮ତାରିଖରେ ଘଟିଥିବା ଗଣହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ପାଇଁ ଆଠଗଡ଼ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ପରିଷଦ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ନୂଆବସଷ୍ଟାଣ୍ଡ ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ମୁର୍ଶିଦାବାଦର ଶିକ୍ଷକ ତଥା ଆରଏସଏସ ସମର୍ଥକ ବନ୍ଧୁ ପ୍ରକାଶ, ତାଙ୍କ ଗର୍ଭବତୀ ସ୍ତ୍ରୀ ଏବଂ ଶିଶୁପୁତ୍ରକୁ ଯେଉଁଭଳି ଭାବେ ବିଭତ୍ସ ହତ୍ୟା କରାଯାଇଛି ତାହା ଅତ୍ୟନ୍ତ ଅମାନବୀୟ ଓ ନିନ୍ଦନୀୟ ବୋଲି ପରିଷଦ ସଭାପତି ମହାନ୍ତି ମତବ୍ୟକ୍ତ କରିଥିଲେ। ଏଥିରେ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ମୁର୍ଶିଦାବାଦ୍ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଗିରଫ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା।

# ଫୁଲ ବଉଳବେଣୀ କାର୍ଯ୍ୟକ୍ରମ




ଫୁଲ ବଉଳବେଣୀ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସାଲେପୁର,୧୫।୧୦(ଡି.ଏନ.ଏ.)

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାଲେପୁର ବ୍ଲକ ଅଧୀନ ପୁରୁଷୋତ୍ତମପୁରଠାରେ ସୁରେନ୍ଦ୍ର ମେମୋରିଆଲ୍ କ୍ଲବ ଏବଂ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଫୁଲ ବଉଳବେଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ସୁରେନ୍ଦ୍ରନାଥ ପଣ୍ଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ତାରକା ମୁନା ଖାଁ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମ ସଂସ୍କୃତି ଓ ପରମ୍ପରା ବିଶ୍ୱରେ ପ୍ରସାରିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା କଟକ ଇନରହ୍ୱିଲ୍ କ୍ଲବ୍ ଅଧ୍ୟକ୍ଷା ଲୋରା ରଥ, ସମ୍ମାନିତ ଅତିଥି ଆପେସ୍‌ର ପରିଚାଳନା ନିର୍ଦ୍ଦେଶକ ରମଣିରଞ୍ଜନ ରାଉତରାୟ ଓ ଦୟାନିଧି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥି ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ଲବ ସମ୍ପାଦକ ଦେବେନ୍ଦ୍ରନାଥ ସ୍ୱାଇଁ ପୌରୋହିତ୍ୟକରିଥିବା ବେଳେ ଟ୍ରଷ୍ଟ ସମ୍ପାଦକ ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନଭେମ୍ବର ୧୨ରୁ ବାଲିଯାତ୍ରା

■ସ୍ୱଚ୍ଛତା, ପରିମଳକୁ ଗୁରୁତ୍ୱ: ପଲିଥିନ୍‌କୁ ନା
■ଖାଦ୍ୟ ମାନ ଯାଞ୍ଚ କରିବେ ୪ ଟିମ୍
■ଭେଣ୍ଡିଂ ଜୋନ୍ ବାହାରେ ବସିପାରିବେନି ବ୍ୟବସାୟୀ

କଟକ ଅଫିସ, ୧୫।୧୦:

ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଏବଂ କଟକ ମହାନଗର ନିଗମ ମିଳିତ ଆନୁକୂଲ୍ୟରେ ଚଳିତବର୍ଷର ଐତିହାସିକ ବାଲିଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, କଟକ ସଦର ଉପଜିଲ୍ଲାପାଳ ଶୁଭ୍ରାଂଶୁ ମିଶ୍ର, ସଦର ତହସିଲଦାର, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ନଭେମ୍ବର ୧୨ରୁ ବାଲିଯାତ୍ରା ଆୟୋଜନ ଲାଗି ନିଷ୍ପତ୍ତି ହୋଇଛି। ଏହା ୮ଦିନ ପର୍ଯ୍ୟନ୍ତ ଚାଲିବାର ପ୍ରସ୍ତାବ ରହିଛି।

'ମୋ ସରକାର' ଏବଂ ୫-ଟି ଆଧାରରେ ଜିଲ୍ଲାରେ ସମ୍ପୃକ୍ତ ବିଭାଗ ସହିତ ସମନ୍ୱୟ ରଖି ନୂତନ ଢାଞ୍ଚାରେ ବାଲିଯାତ୍ରା ଅନୁଷ୍ଠିତ ହେବ। ବୈଠକରେ ମୁଖ୍ୟତଃ ଆଇନ ଶୃଙ୍ଖଳା, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପ୍ରଦର୍ଶନୀ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିଯାତ୍ରା ପଡ଼ିଆକୁ ଚତୁଃପାର୍ଶ୍ୱରୁ ସଂଯୋଗ କରୁଥିବା ରାସ୍ତାଗୁଡିକର ମରାମତି ପାଇଁ ପୂର୍ତ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସିଏମ୍‌ସି ଅସ୍ଥାୟୀ ରାସ୍ତାଗୁଡ଼ିକୁ ସମତଳ ପାଇଁ ପଦକ୍ଷେପ ନେବାକୁ ସ୍ଥିର ହୋଇଛି। ବାଲିଯାତ୍ରା ପଡ଼ିଆ ଭିତରେ ଯାତାୟାତ ସୁବିଧା ନିମନ୍ତେ ବ୍ୟାଟେରି ଚାଳିତ ଯାନ ବ୍ୟବହାର ପାଇଁ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ସହାୟତା ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ପ୍ରତ୍ୟେକ ଷ୍ଟଲ, କ୍ଷୁଦ୍ର ବ୍ୟବସାୟୀଙ୍କୁ ପରିଚୟ ପତ୍ର ଦିଆଯିବା ସହ ଲାଇସେନ୍ସଧାରୀ ପ୍ରତି ଷ୍ଟଲରେ ନିଜସ୍ୱ ଖର୍ଚ୍ଚରେ ଡଷ୍ଟବିନ୍ ରଖିବେ। ବୁଲା ବିକାଳି ବା ଅନ୍ୟ କାହାକୁ ଚୋରାରେ ବିଦ୍ୟୁତ୍ ଯୋଗାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୁରକ୍ଷା ଦୃଷ୍ଟିରୁ ଛୋଟ ଦୋକାନୀ ଓ ବୁଲା ବିକାଳିଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ କରାଯିବ। ଭେଣ୍ଡିଂ ଜୋନ ବାହାରେ ବ୍ୟବସାୟୀଙ୍କୁ ବସିବା ପାଇଁ ଅନୁମତି ନ ଦିଆଯିବା ସହିତ ସେମାନଙ୍କଠାରୁ କୌଣସି ମାହାସୁଲ ନିଆଯିବ ନାହିଁ। ଜିଲ୍ଲା ପ୍ରଶାସନ ଏବଂ ପୋଲିସ ସ୍କ୍ୱାଡ୍ ନିୟୋଜିତ ରହି କାର୍ଯ୍ୟ କରିବେ ।

ଚଳିତବର୍ଷ ବାଲିଯାତ୍ରାରେ ପରିମଳ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯିବା ସହ ଖାଦ୍ୟ ମାନ ଯାଞ୍ଚ ପାଇଁ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୪ଟି ଦଳ ରହିବେ ବୋଲି ମହାନଗର ନିଗମ ଆୟୁକ୍ତ ଅନନ୍ୟା ଦାସ କହିଛନ୍ତି। ତଳପଡ଼ିଆ ଓ ଉପରପଡ଼ିଆରେ ଆବଶ୍ୟକ ସଂଖ୍ୟକ ସିସିଟିଭି କ୍ୟାମେରା ଲଗାଯିବା, ପୋଲିସ ପ୍ରଶାସନ, ଓଡ୍ରାମାସ ତରଫରୁ ୱାଚ୍ ଟାୱାର ବ୍ୟବସ୍ଥା, ବାଲିଯାତ୍ରାରେ ପିଲା ହଜିଗଲେ ଶିଶୁ ପ୍ରଯତ୍ନ ଅନୁଷ୍ଠାନରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ରଖାଯିବା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଅସ୍ଥାୟୀ ସୂଚନାକେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତି ଷ୍ଟଲରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବା, ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ଗାଡ଼ି ସୁବିଧାରେ ଯାତ୍ରାସ୍ଥଳକୁ ଯାତାୟାତ ଲାଗି ପ୍ରଶସ୍ତ ରାସ୍ତାର ସୁବିଧା କରାଯିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ।
-ସାଇବାବା



## ସଂକ୍ଷେପରେ

### କାଠ ବୋଝେଇ ଭ୍ୟାନ୍ ଜବତ

କଟକ ଅଫିସ,୧୫।୧୦: ବାଲେଶ୍ୱର ଭିଜିଲାନ୍ସ ଶାଖା ଓ ଫରେଷ୍ଟ ବିଭାଗ ମିଳିତ ଚଢ଼ାଉ କରି ସୋମବାର ଏକ ନମ୍ବର ବିହୀନ କାଠ ବୋଝେଇ ପିକ୍ଅପ ଜବତ କରିଛନ୍ତି। ଏହି ଗାଡ଼ିରେ ପ୍ରାୟ ୩, ୪୯, ୭୦୦ ଟଙ୍କା ମୂଲ୍ୟର କାଠ ବୋଝେଇ ହୋଇଯାଉଥିଲା। ପରେ ନୀଳଗିରି ୱାଇଲ୍ଡ ଲାଇଫ ରେଞ୍ଜ ୧୬/୧୯-୨୦ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଶେରଗଡ- ଉଦଳା ରାସ୍ତାରେ ନମ୍ବର ବିହୀନ ଏକ ପିକଅପ୍ ଭ୍ୟାନ୍ରେ ବେଆଇନ ଭାବେ କାଠ ବୋଝେଇ ହୋଇ ଯାଉଥିବା ଭିଜିଲାନ୍ସ ପୋଲିସ ଖବର ପାଇଥିଲା। ଭିଜିଲାନ୍ସ ପୋଲିସ ଓ ଫରେଷ୍ଟ ବିଭାଗ ଗାଡ଼ିଟିକୁ ଶେରଗଡ ନିକଟରେ ଜବତ କରିଥିଲେ।

### ଏଟିଏମ୍ରୁ ଲୁଟ୍ ଉଦ୍ୟମ

କଟକ ଅଫିସ, ୧୫।୧୦:ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ୟୁକୋ ବ୍ୟାଙ୍କ ଏଟିଏମ୍ରୁ ଟଙ୍କା ଲୁଟ ଉଦ୍ୟମ ହୋଇଛି। ଲୁଟେରା ଏଟିଏମ୍ ମେଶିନକୁ ଗ୍ୟାସ୍ କଟର୍ ସାହାଯ୍ୟରେ କାଟି ଲୁଟ୍ ଉଦ୍ୟମ କରିଥିଲେ ମଧ ସଫଳ ହୋଇନାହାନ୍ତି। ଏ ନେଇ ମଙ୍ଗଳବାର ଲାଲବାଗ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ଏଟିଏମ୍ରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଆଶୁତୋଷ ମିଶ୍ର କହିଛନ୍ତି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ସାଢେ ୩ଟାରେ ଜଣେ ଲୁଟେରା ହେଲ୍ମେଟ୍ ପିନ୍ଧି ଉକ୍ତ ଏଟିଏମ୍ ଭିତରକୁ ପ୍ରବେଶ କରିଥିଲେ। ଏଟିଏମ୍ରେ ଲାଗିଥିବା ସିସି କ୍ୟାମେରା ଓ ଆଲର୍ମ ତାର କାଟି ଗ୍ୟାସ କଟର୍ରେ ଏଟିଏମ୍ ମେଶିନ କାଟିବାକୁ ଉଦ୍ୟମ କରିଥିଲେ। ତେବେ ଭୋର ସମୟ ହୋଇଥିବାରୁ ଲୋକଙ୍କ ଚଳପ୍ରଚଳ ଦେଖି ସେ ପଳାଇଥିଲେ। ମଙ୍ଗଳବାର ସକାଳେ ଲୋକେ ଏ ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ।

### ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

ଚୌଦ୍ୱାର,୧୫।୧୦(ଡି.ଏନ୍.ଏ.): ଚୌଦ୍ୱାରର ନୁନ୍‌ଟିକିରି ଛକ ନିକଟରୁ ଚାରବାଟିଆ ଅଞ୍ଚଳର ଲୋଚନ ବସନ୍ତିଆଙ୍କ ବେକରୁ ମଙ୍ଗଳବାର ସୁନାଚେନ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୧ଟା ରେ ଲୋଚନ ଓ ତାଙ୍କ ସ୍ୱାମୀ ଉତ୍ତମ ଚରଣ ବସନ୍ତିଆ ଏକ ବାଇକ୍ରେ ଚୌଦ୍ୱାର ଆଡ଼କୁ ଆସୁଥିଲେ। ନୁନ୍‌ଟିକିରି ଛକ ନିକଟ ଡେଙ୍ଗା ହନୁମାନଙ୍କ ସମ୍ମୁଖରେ ପଛରୁ ଏକ ବାଇକ୍ରେ ଜଣେ ଦୁର୍ବୃତ୍ତ ଆସି ଲୋଚନଙ୍କ ବେକରୁ ସୁନାଚେନ୍ ଲୁଟି ନେଇ ଫେରାର ହୋଇଯାଇଥିଲେ। ଲୋଚନଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ପୋଲିସ ଏକ ମାମଲା (ନଂ.୩୯୮/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉକି, ସୋମବାର ଚୌଦ୍ୱାର ମଣ୍ଡାପଡ଼ା ରାସ୍ତାରେ ଦିନ ଦ୍ୱିପ୍ରହରେ ଜଣେ ମହିଳାଙ୍କଠାରୁ ସୁନାଚେନ ଲୁଟ୍ ହୋଇଥିଲା।

### ଉଦ୍ୟୋଗ ବିକାଶ ତାଲିମ

କଟକ ଅଫିସ, ୧୫।୧୦: ଓଡ଼ିଶା ରାଜ୍ୟ ଅର୍ଥ ନିଗମ(ଓଏସ୍ଏଫ୍ସି) କଟକ ଶାଖା ଆନୁକୂଲ୍ୟରେ ଉଦ୍ୟୋଗ ବିକାଶ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ଏକ କାର୍ଯ୍ୟକ୍ରମ ୧୨ ଦିନ ଧରି ଚାଲିବ। ଏଥିରେ ତାଲିମ ନେବା ପାଇଁ ୭୬ ଜଣ ଯୁବତୀଯୁବକ ଆବେଦନ କରିଥିଲେ। ଯୋଗ୍ୟତାଭିତ୍ତିରେ ସେମାନଙ୍କ ମଧ୍ୟରୁ ୬୦ ଜଣ ତାଲିମ ନେବା ପାଇଁ ମନୋନୀତ ହୋଇଛନ୍ତି। କଟକ ଶାଖା ପରିଚାଳକ ସୁବାସ ଚନ୍ଦ୍ର ମିଶ୍ର, ନିଗମର ଅଡିଟ ବିଭାଗ ମୁଖ୍ୟ ବସନ୍ତ କୁମାର ଜେନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବରେନ୍ଦ୍ର ନାରାୟଣ ସାହୁ, ପ୍ରସନ୍ନ କୁମାର ମହାନ୍ତି, ଦଣ୍ଡପାଣି ସୁନ୍ଦରରାୟ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଅଛନ୍ତି।

### ଯୁବ କ୍ରିକେଟରଙ୍କ ସ୍ମୃତିସଭା

କଟକ ଅଫିସ, ୧୫।୧୦:ସାମନ୍ତ ସାହି ମ୍ୟାଜିକ ଏକାଦଶ କ୍ରିକେଟ ଟିମ୍ ପକ୍ଷରୁ ଯୁବ କ୍ରିକେଟର ଅବିନାଶ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ସନ୍ଧ୍ୟାରେ ଖାନନଗରସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅବିନାଶ ସହରର ବେଶ୍ ପରିଚିତ କ୍ରିକେଟ ଖେଳାଳି ଥିଲେ। କ୍ଲବସ୍ତରୀୟ ଟେନିସ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟିର ରହିଥିଲା। ସେ ମ୍ୟାଜିକ ଏକାଦଶ ଦଳରୁ ପ୍ରତିନିଧିତ୍ୱ କରୁଥିଲେ ବୋଲି ସ୍ମୃତିଚାରଣ କରାଯାଇଥିଲା। ମ୍ୟାଜିକ ଏକାଦଶ ଟିମ୍ର ଅଧିନାୟକ ସଞ୍ଜୀବ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ଟିମ୍ର ଖେଳାଳି ଓ କ୍ଲବ ସମ୍ପାଦକମାନେ ଯୋଗଦେଇ ଅବିନାଶଙ୍କ ସ୍ମୃତିଚାରଣ କରିଥିଲେ। ପପୁଲାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନଭେମ୍ବର ୧୨ରୁ ବାଲିଯାତ୍ରା

- ସ୍ୱଚ୍ଛତା, ପରିମଳକୁ ଗୁରୁତ୍ୱ: ପଲିଥିନ୍‌କୁ ନା
- ଖାଦ୍ୟ ମାନ ଯାଞ୍ଚ କରିବେ ୪ ଟିମ୍
- ଭେଣ୍ଡିଂ ଜୋନ୍ ବାହାରେ ବସିପାରିବେନି ବ୍ୟବସାୟୀ

କଟକ ଅଫିସ, ୧୫।୧୦:

ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଏବଂ କଟକ ମହାନଗର ନିଗମ ମିଳିତ ଆନୁକୂଲ୍ୟରେ ଚଳିତବର୍ଷର ଐତିହାସିକ ବାଲିଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ସଦର ତହସିଲଦାର, ଜିଲା ସଂସ୍କୃତି ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ନଭେମ୍ବର ୧୨ରୁ ବାଲିଯାତ୍ରା ଆୟୋଜନ ଲାଗି ନିଷ୍ପତ୍ତି ହୋଇଛି। ଏହା ୮ଦିନ ପର୍ଯ୍ୟନ୍ତ ଚାଲିବାର ପ୍ରସ୍ତାବ ରହିଛି।

'ମୋ ସରକାର' ଏବଂ ୫-ଟି ଆଧାରରେ ଜିଲାରେ ସମ୍ପୃକ୍ତ ବିଭାଗ ସହିତ ସମନ୍ୱୟ ରଖି ନୂତନ ଢାଞ୍ଚାରେ ବାଲିଯାତ୍ରା ଅନୁଷ୍ଠିତ ହେବ।




ବୈଠକରେ ଜିଲାପାଳ ଭବାନୀଶଙ୍କର ଚୟନୀ ଓ ଅନ୍ୟ ଅଧିକାରୀବୃନ୍ଦ।

ବୈଠକରେ ମୁଖ୍ୟତଃ ଆଇନ ଶୃଙ୍ଖଳା, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପ୍ରଦର୍ଶନୀ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିଯାତ୍ରା ପଡ଼ିଆକୁ ଚତୁଃପାର୍ଶ୍ୱରୁ ସଂଯୋଗ କରୁଥିବା ରାସ୍ତାଗୁଡିକର ମରାମତି ପାଇଁ ପୂର୍ତ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସିଏମ୍‌ସି ଅସ୍ଥାୟୀ ରାସ୍ତାଗୁଡ଼ିକୁ ସମତଳ ପାଇଁ ପଦକ୍ଷେପ ନେବାକୁ ସ୍ଥିର ହୋଇଛି। ବାଲିଯାତ୍ରା ପଡ଼ିଆ ଭିତରେ ଯାତାୟାତ ସୁବିଧା ନିମନ୍ତେ ବ୍ୟାଟେରି ଚାଳିତ ଯାନ ବ୍ୟବହାର ପାଇଁ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ସହାୟତା ନିଆଯିବ ବୋଲି ଜିଲାପାଳ କହିଥିଲେ। ପ୍ରତ୍ୟେକ ଷ୍ଟଲ, କ୍ଷୁଦ୍ର ବ୍ୟବସାୟୀଙ୍କୁ ପରିଚୟ ପତ୍ର ଦିଆଯିବା ସହ ଲାଇସେନ୍ସଧାରୀ ପ୍ରତି ଷ୍ଟଲରେ ନିଜସ୍ୱ ଖର୍ଚ୍ଚରେ ଡଷ୍ଟବିନ୍ ରଖିବେ। ବୁଲା ବିକାଳି ବା ଅନ୍ୟ କାହାକୁ ଚୋରାରେ ବିଦ୍ୟୁତ୍ ଯୋଗାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୁରକ୍ଷା ଦୃଷ୍ଟିରୁ ଛୋଟ ଦୋକାନୀ ଓ ବୁଲା ବିକାଳିଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ କରାଯିବ। ଭେଣ୍ଡିଂ ଜୋନ ବାହାରେ ବ୍ୟବସାୟୀଙ୍କୁ ବସିବା ପାଇଁ ଅନୁମତି ନ ଦିଆଯିବା ସହିତ ସେମାନଙ୍କଠାରୁ କୌଣସି ମାହାସୁଲ ନିଆଯିବ ନାହିଁ। ଜିଲା ପ୍ରଶାସନ ଏବଂ ପୋଲିସ ସ୍କ୍ୱାଡ୍ ନିୟୋଜିତ ରହି କାର୍ଯ୍ୟ କରିବେ।

ଚଳିତବର୍ଷ ବାଲିଯାତ୍ରାରେ ପରିମଳ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯିବା ସହ ଖାଦ୍ୟ ମାନ ଯାଞ୍ଚ ପାଇଁ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୪ଟି ଦଳ ରହିବେ ବୋଲି ମହାନଗର ନିଗମ ଆୟୁକ୍ତ ଅନନ୍ୟା ଦାସ କହିଛନ୍ତି। ତଳପଡ଼ିଆ ଓ ଉପରପଡ଼ିଆରେ ଆବଶ୍ୟକ ସଂଖ୍ୟକ ସିସିଟିଭି କ୍ୟାମେରା ଲଗାଯିବ, ପୋଲିସ ପ୍ରଶାସନ, ଓର୍ମାସ ତରଫରୁ ୱାଚ୍ ଟାୱାର ବ୍ୟବସ୍ଥା, ବାଲିଯାତ୍ରାରେ ପିଲା ହଜିଗଲେ ଶିଶୁ ପ୍ରଯତ୍ନ ଅନୁଷ୍ଠାନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ରଖାଯିବ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଅସ୍ଥାୟୀ ସୂଚନାକେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତି ଷ୍ଟଲରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବ, ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ଗାଡ଼ି ସୁବିଧାରେ ଯାତ୍ରାସ୍ଥଳକୁ ଯାତାୟାତ ଲାଗି ପ୍ରଶସ୍ତ ରାସ୍ତାର ସୁବିଧା କରାଯିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।




କେନ୍ଦ୍ର ସରକାରୀ କର୍ମଚାରୀ ମହାସଂଘ ଓ ରେଳ ଡାକସେବା ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ କଟକ ରେଳ ଡାକସେବା ଅଫିସ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଛି।

## ବିଶ୍ୱ ହାତଧୁଆ ଦିବସ ପାଳିତ

କଟକ ଅଫିସ,୧୫।୧୦:

କଟକ ସେଣ୍ଟ୍ରାଲ ରୋଟାରୀ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଝାଞ୍ଜିରିମଙ୍ଗଳାସ୍ଥିତ ଗଣପତି ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏ.ବି. ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ା. ରବିରଞ୍ଜନ ସାହୁ ଯୋଗଦେଇ ସଫାସୁତୁରା ରହିବା, ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି, ପାଣିର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଜାତା ମହାପାତ୍ର ଯୋଗଦେଇଥିଲେ। ରୋଟାରିଆନ୍ ସତ୍ୟଗୋପାଳ ପରିଡ଼ା, ପ୍ରଣବ କୁମାର ବିଶ୍ୱାଳ, ସନ୍ତୋଷ କୁମାର ସାହୁ, ଦିଶାନ୍ତ ସାଠିଆ, ଦାମୋଦର ସାହୁ, ଏସ୍.କେ. ବେହେରା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶୁଭଶ୍ରୀ ମୂଳିଆ ଉପସ୍ଥିତ ଥିଲେ। ଯୋଗେନ୍ଦ୍ର ନାଥ ବସ୍ତିଆ ଧନ୍ୟବାଦ ଦେଇଥିଲେ।

## ମୌଳିକ ଅଧିକାର ପାଇଁ ସାମାଜିକ ଜାଗରଣ ଆବଶ୍ୟକ

କଟକ ଅଫିସ,୧୫।୧୦:

ପ୍ରାକୃତିକ ବିପର୍ଯ୍ୟସ୍ତ ଛାତ୍ର ସହାୟକ ସମିତି ପକ୍ଷରୁ ଶତାବ୍ଦୀ ଭବନଠାରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସଭାପତି ପ୍ରଭାକର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଯୋଗଦେଇ ମା' ପେଟରେ ଭ୍ରୂଣ ଜୀବନ୍ୟାସ ମାତ୍ରେ ହିଁ ଈଶ୍ୱର ତାଙ୍କୁ ମାନବିକ ଅଧିକାର ଦେଇଥାନ୍ତି। ସେହି ଅଧିକାରକୁ ହାସଲ କରିବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକ୍ରମ ହେବା ଉଚିତ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଯୋଗଦେଇ କହିଥିଲେ, ଶିକ୍ଷା, ସ୍ୱାସ୍ଥ୍ୟ, ଆହାର, ବାସଗୃହ ପରି ମୌଳିକ ଆବଶ୍ୟକତା ପୂରଣ ଦ୍ୱାରା ହିଁ ମଣିଷ ସ୍ୱାଭିମାନରେ ବଞ୍ଚି ରହିବ ଏବଂ ମୌଳିକ ଅଧିକାର ହାସଲ ପାଇଁ ସାମାଜିକ ଜାଗରଣ ଆବଶ୍ୟକ। ଏହି ଅବସରରେ ଓଡ଼ିଶା ମାନବିକ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ ଓ ଅନ୍ୟତମ ସଭ୍ୟ ଅସିମ ଅମିତାଭ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ଓ ସମ୍ପାଦକ ଦୀପ୍ତିରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

### ନାବାଳିକାଙ୍କୁ ଅସଦାଚରଣ

ଟାଙ୍ଗୀ(କଟକ),୧୫।୧୦ (ଡି.ଏନ୍.ଏ.):

ଟାଙ୍ଗୀ ଥାନା ଅଞ୍ଚଳରେ ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପିଡ଼ିତାଙ୍କ ବଡ଼ ଭଉଣୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୦୯/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନାବାଳିକାଜଣକ ତାଙ୍କ ବଡ ଭଉଣୀ ସହ ଏକ ଗ୍ରାମରେ ଭଡ଼ାଘରେ ରୁହନ୍ତି। ଗତ ବୁଧବାର ଦଶହରା ଭସାଣି ଉତ୍ସବ ଚାଲିଥିବା ବେଳେ ନାବାଳିକାଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗରେ ଜଣେ ଯୁବକ ତାଙ୍କ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ପରେ ପିଡ଼ିତାଙ୍କ ବଡ ଭଉଣୀ ଏ ସମ୍ପର୍କରେ ସମ୍ପୃକ୍ତ ଯୁବକଙ୍କୁ ପଚାରିବାରୁ ତାଙ୍କୁ ସର୍ବସାଧାରଣରେ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ଲୁଟ୍ ଘଟଣାରେ ୩ ଯୁବକ ଗିରଫ

ଫୁଲନଖରା,୧୫।୧୦(ଡି.ଏନ୍.ଏ.):

କଟକ ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ଧୁକ ଦେଖାଇ ଲୁଟ୍ କରିବା ଘଟଣାରେ ପୋଲିସ ୩ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କୁରାଙ୍ଗଶାସନ ଇନ୍ଦିରା ଗ୍ରାମର ରାଜେଶ ସାହୁ, ପ୍ରଫୁଲ୍ଲ ବେହେରା ଓ କୁଦସାହି ଗ୍ରାମର ସୁଜିତ କୁମାର ଭୋଇ। ସୂଚନା ଅନୁଯାୟୀ, ଉକ୍ତ ଯୁବକମାନେ ଫୁଲନଖରା-ନିଆଳି ରାସ୍ତାରେ ଏକୁଟିଆ ବାଇକ୍ରେ ଯାଉଥିବା ଲୋକମାନଙ୍କୁ ବନ୍ଧୁକ ଦେଖାଇ ଲୁଟ କରି ଫେରାର ହୋଇଯାଆନ୍ତି। ରବିବାର ରାତିରେ ଉକ୍ତ ଯୁବକମାନେ ଗଙ୍ଗେଶ୍ୱର ଅଞ୍ଚଳରେ ଥିବା ଖବରପାଇ ପୋଲିସ ଚଢାଉ କରି ସେମାନଙ୍କୁ ଧରିଥିଲା। ଏ ନେଇ ଥାନାରେ ମାମଲା (ନଂ.୩୨୮/୧୯) ରୁଜୁ ହୋଇଛି।

## ବିଏନ୍ଆଇର ଦ୍ୱିତୀୟ ଚାପ୍ଟର ଶୁଭାରମ୍ଭ




କଟକ,୧୫।୧୦

ବିଜନେସ ନେଟୱର୍କ ଇଣ୍ଟରନ୍ୟାଶନାଲ (ବିଏନ୍ଆଇ) ପକ୍ଷରୁ କଟକଠାରେ ନୂଆ ଚାପ୍ଟର ଶୁଭାରମ୍ଭ ହୋଇଛି। ଶୁଭାରମ୍ଭ ଦିନଠାରୁ ଏହା ୫୦ ଲକ୍ଷ ଟଙ୍କାର ବାଣିଜ୍ୟ ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହୋଇଛି। କଟକ ରିଜିଅନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ଅଗ୍ରୱାଲ, ମିଷ୍ଟର ସାଦହାସମି, ମିଷ୍ଟର ରାହୁଲ କେଶରୀ ଏହାକୁ ଆରମ୍ଭ କରିଥିଲେ। ୨୦୨୦ ସୁଦ୍ଧା ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଯୋଡିବା ନେଇ ଲକ୍ଷ୍ୟ ରଖାଯାଇଥିବା ଆଞ୍ଚଳିକ ନିର୍ଦ୍ଦେଶକ ଅଗ୍ରୱାଲ କହିଛନ୍ତି। ସଦସ୍ୟମାନଙ୍କ ମିଳିତ ସହଯୋଗରେ ବାଣିଜ୍ୟ ସୁଯୋଗ ସୃଷ୍ଟି ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ବିଶ୍ୱର ସର୍ବବୃହତ୍ ବିଜନେସ ନେଟୱର୍କିଂ ଏବଂ ରେଫରାଲ ମାର୍କେଟିଂ ଅର୍ଗାନାଇଜେଶନ ଭାବେ ଏହା ବେଶ୍ ପରିଚିତ ବୋଲି ଅଗ୍ରୱାଲ ମତ ଦେଇଛନ୍ତି।

## ହୋଟେଲରେ ଗଣ୍ଡଗୋଳ କରି ୩ ଗିରଫ

ଫୁଲନଖରା,୧୫।୧୦(ଡି.ଏନ୍.ଏ.):

ଫୁଲନଖରା ଛକ ନିକଟସ୍ଥ ନୂଆକାଚରାମାଳ ଘାଇ ପାର୍ଶ୍ୱରେ ଥିବା ଏକ ହୋଟେଲରେ ଗଣ୍ଡଗୋଳ କରିବା ଅଭିଯୋଗରେ କଟକ ସଦର ପୋଲିସ ମଙ୍ଗଳବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ କେରାଣ୍ଡିଖୁଣ୍ଟି ଗ୍ରାମର ବୈବସ୍ୱତ ନାୟକ, କେନ୍ଦୁଝର ଘସିପୁରା ଥାନା ଅଞ୍ଚଳର ଚନ୍ଦନ ନାଏକ, ଭଦ୍ରକ ଥାନା ଅନ୍ତର୍ଗତ ରାଧାନଗର ଗ୍ରାମର ପ୍ରିୟରଞ୍ଜନ ମଲ୍ଲିକ। ସୂଚନା ଅନୁଯାୟୀ, ଉକ୍ତ ଅଭିଯୁକ୍ତମାନେ ଭୁବନେଶ୍ୱରରୁ କଟକ ଅଭିମୁଖେ ଫେରୁଥିବା ବେଳେ ଏହି ହୋଟେଲରେ ଖାଇଥିଲେ। ଖାଇ ସାରିବା ପରେ ଟଙ୍କା ଦେଲା ବେଳେ ହୋଟେଲ ମାଲିକଙ୍କ ସହିତ ପାଟିତୁଣ୍ଡ କରିବା ସହ ଭଙ୍ଗାରୁଜା କରିଥିଲେ। ଏ ନେଇ ହୋଟେଲ ମାଲିକ ଅଶୋକ ସାହୁ ଟେଲିଫୋନ ମାଧ୍ୟମରେ ଥାନାକୁ ଜଣାଇଥିଲେ। ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଥାନାକୁ ନେଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୪୫୭/୧୯)ରୁଜୁ ହୋଇଛି।

## କଲାମ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ବିଧାୟକ ଇଂ. ମହମ୍ମଦ ମୋକିମ୍ ଓ ଅତିଥିବୃନ୍ଦ।

କଟକ ଅଫିସ, ୧୫।୧୦:

ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କ ଏକ ପ୍ରତିମୂର୍ତ୍ତି ମଙ୍ଗଳବାର ମାନସିଂହପାଟଣା ମ୍ୟୁନିସିପାଲ ହାଇସ୍କୁଲ ପରିସରରେ ଉନ୍ମୋଚିତ ହୋଇଛି। କଲାମଙ୍କ ଜନ୍ମ ଦିବସ ଅବସରରେ 'ଫାଇଟ୍ ଫର ଦି ଫାଉଣ୍ଡର ଅଫ ରେଭେନ୍‌ଶା ଇନଷ୍ଟିଚ୍ୟୁଶନ ଟ୍ରଷ୍ଟ' ଓ 'ଜାଗୃତ ଓଡ଼ିଶା ଚାରିଟେବଲ୍ ଟ୍ରଷ୍ଟ'ର ମିଳିତ ଆନୁକୂଲ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି। ବାରବାଟୀ - କଟକ ବିଧାୟକ ଇଂ ମହମ୍ମଦ ମୋକିମ ଏହି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳସଚିବ ଅଶୋକ କୁମାର ଦାସ ମୁଖ୍ୟ ଅତିଥି, ବରିଷ୍ଠ ଖବରଦାତା ଡ. ପ୍ରମୋଦ କୁମାର ମହାପାତ୍ର ମୁଖ୍ୟବକ୍ତା, ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ଜାଗୃତ ଓଡ଼ିଶାର ରାଜ୍ୟ ସଂଯୋଜକ ଆଇନଜୀବୀ ଜଗନ୍ନାଥ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାଧୁଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନନ୍ତ ଚରଣ ଦାଶ ଧନ୍ୟବାଦ ଦେଇଥିଲେ।

## ଆଇନଜୀବୀଙ୍କ ସ୍ମୃତିସଭା

କଟକ ଅଫିସ, ୧୫।୧୦:

ଯୁବ ଆଇନଜୀବୀ ତଥା ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାରକ ଦେବବ୍ରତ ପଣ୍ଡାଙ୍କ ଅକାଳ ବିୟୋଗ ଘଟିଛି। ଏ ନେଇ କଟକ ବାର୍ ଆସୋସିଏଶନ ସଭାଗୃହରେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। କଟକ ବାର୍ ଆସୋସିଏଶନର ଉପସଭାପତି କୃପାସିନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ। କଟକ ବାର୍ ସମ୍ପାଦକ ନରେଶ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନର ଉପସଭାପତି ସନ୍ତୋଷ ଲେଙ୍କା ସ୍ୱର୍ଗତ ପଣ୍ଡାଙ୍କ ଜୀବନୀ ପାଠ କରିଥିଲେ। କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସୁବାସ ମହାନ୍ତି ସ୍ୱର୍ଗତ ପଣ୍ଡାଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। କଟକ ଜିଲା ଓ ଦୌରାଜଜ୍ ତାଙ୍କ ଅଭିଭାଷଣରେ ଅମର ଆତ୍ମାଙ୍କର ସ୍ମୃତିଚାରଣ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ନିଆଳି,୧୫।୧୦(ଡି.ଏନ୍.ଏ.):

ନିଆଳି ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜଲ୍ଲାରପୁର ପଞ୍ଚାୟତର କୂଳଜଲ୍ଲାରପୁର ରାମଚଣ୍ଡୀ ମନ୍ଦିରଠାରେ ଶତାଧିକ ବିଜେଡି କର୍ମୀ ଏକତ୍ରିତ ହୋଇ ପଦଯାତ୍ରାରେ ବାହାରି ୬ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ମୁସୀବାବା ମଠ ପରିସରରେ ପ୍ରଦୀପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ମଲ୍ଲିକଙ୍କ ସମେତ ଦେବାଶିଷ ଷଡ଼ଙ୍ଗୀ, ଆଦିତ୍ୟ ପାଣି, ମାମିନା ଜେନା, ସରୋଜ ପ୍ରଧାନ, ସ୍ମିତାରାଣୀ ପ୍ରଧାନ, ରତ୍ନାକର ନାୟକ, ପ୍ରଶାନ୍ତ ସିଂହ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେଉପସ୍ଥିତକର୍ମୀଙ୍କୁବୁଝାଇଥିଲେ।

■ ସୁନ୍ଦରଗଡ଼ ସିଡିଏମ୍ଓ ନିଲମ୍ବନ ଘଟଣା

## ଡାକ୍ତର, ମେଡିକାଲ ଛାତ୍ରୀଛାତ୍ରଙ୍କ ପ୍ରତିବାଦ

କଟକ ଅଫିସ, ୧୫।୧୦:

ସୁନ୍ଦରଗଡ଼ ସିଡିଏମ୍ଓ ଦାୟିତ୍ୱରେ ଥିବା ଡାକ୍ତର ପଙ୍କଜ ପଟେଲଙ୍କ ନିଲମ୍ବନ ଘଟଣା ନେଇ ମଙ୍ଗଳବାର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଏକ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଡାକ୍ତର ଓ ମେଡିକାଲ ଛାତ୍ରୀଛାତ୍ରମାନେ ଏହି ଘଟଣାର ପ୍ରତିବାଦ କରିବା ସହ ତୁରନ୍ତ ନିଲମ୍ବନ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମ କିପରି ଚାଲିଛି ତାହା ତଦାରଖ କରିବା ନିମନ୍ତେ ୫ଟି ସଚିବ ଭି.କେ. ପାଣ୍ଡିଆନ, ଏନ୍ଏଚ୍ଆର୍ଏମ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲା ଗସ୍ତ କରୁଛନ୍ତି। କିଛିଦିନ ତଳେ ଏକ ଟିମ୍ ୫ଟି ସଚିବ ପାଣ୍ଡିଆନ୍‌ଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଚାନକ ପହଞ୍ଚି ରୋଗୀସେବା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସେ ରୋଗୀଙ୍କ ଆଟେଣ୍ଡାଣ୍ଟଙ୍କୁ ପଚାରି ବୁଝିବା ସହ ମେଡିକାଲର ସମସ୍ୟା ଓ ରୋଗୀଙ୍କୁ ଡାକ୍ତରଙ୍କ ବ୍ୟବହାର ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ୫ଟି ସଚିବ ପାଣ୍ଡିଆନ୍ ସୁନ୍ଦରଗଡ଼ ଗସ୍ତ ବେଳେ କାର୍ଯ୍ୟରେ ଅବହେଳା ଦର୍ଶାଇ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟ ସିଡିଏମ୍ଓ ଦାୟିତ୍ୱରେ ଥିବା ପଙ୍କଜ ପଟେଲଙ୍କୁ ନିଲମ୍ବିତ କରିଥିଲେ। ସିଡିଏମ୍ଓଙ୍କୁ କୌଣସି କାରଣ ଦର୍ଶାଅ ନୋଟିସ ନ ଦେଇ ଏବଂ ବିନା ତଦନ୍ତରେ ନିଲମ୍ବିତ କରାଯାଇଥିବାରୁ ଡାକ୍ତର ଏବଂ ଡାକ୍ତରୀ ଛାତ୍ରୀଛାତ୍ରମାନେ ଶାନ୍ତିପୂର୍ଣ୍ଣ ଭାବେ ଏସ୍‌ସିବି ମେଡିକାଲ କ୍ୟାମ୍ପସରେ ଏକ ଶୋଭାଯାତ୍ରା କରି ପ୍ରତିବାଦ ଜଣାଇଥିଲେ। ତୁରନ୍ତ ସିଡିଏମ୍ଓଙ୍କ ନିଲମ୍ବନ ପ୍ରତ୍ୟାହାର କରାଯିବାକୁ ଦାବି ହେଉଛି। ବିନା କୌଣସି କାରଣଦର୍ଶାଅ ନୋଟିସ କିମ୍ବା ତଦନ୍ତ ନ କରି ପଦକ୍ଷେପ ନେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପ୍ରତିବାଦରେ ସହଯୋଗ କରୁଥିବା ଜୁନିୟର ଡାକ୍ତର ସଂଘ ସଭାପତି ଆଶିଷ କୁମାର ମିଶ୍ର, ଆଇଏମ୍ଏ ଜର୍ନାଲ ଏଡିଟର ଡାକ୍ତର ସମ୍ରାଟ କର ଏବଂ ବିଭିନ୍ନ ଡାକ୍ତର ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ।
-ସାଇବାବା



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏମ୍‌ପିଙ୍କୁ ଦାବିପତ୍ର

ପୁରୀ ଅଫିସ,୧୫।୧୦: ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏମ୍‌ପି ପିନାକୀ ମିଶ୍ରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସର୍କିଟ ହାଉସ୍ ପରିସରରେ ପରିଷଦର କର୍ମକର୍ତ୍ତାମାନେ ଏମ୍‌ପି ମିଶ୍ରଙ୍କୁ ସାକ୍ଷାତ୍ କରି ସେମାନଙ୍କ ଭୂ ସମ୍ପତ୍ତିକୁ କିପରି ସୁରକ୍ଷା ମିଳିପାରିବ ସେ ନେଇ ଆଲୋଚନା କରିଥିଲେ। ପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ପୁରୀ ସହର ଏବଂ ଏହାର ଉପକଣ୍ଠରେ ପ୍ରାୟ ୮୦,୦୦୦ ପରିବାରଙ୍କ ଜମି ପଟ୍ଟା ସମସ୍ୟା ନେଇ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୟୁନିଫର୍ମ ପଲିସ ଆଧାରରେ ପୁରୀ ସହରବାସୀଙ୍କୁ ଯେଉଁ ନୋଟିସ ଦିଆଯାଇ ତାହାକୁ ପରିଷଦ କର୍ମକର୍ତ୍ତା ବିରୋଧ କରିଥିଲେ। ଏଥିରେ ପରିଷଦର ସଭାପତି ପୁଷ୍କର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ଆବାହକ ସୁରେନ୍ଦ୍ର ନାଥ ଦାଶ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ପ୍ରଶାନ୍ତ କୁମାର ମିଶ୍ର, ଗୋପୀନାଥ ହୋତା, ମଧୁସୂଦନ ଦାଶ, ସୁଧାଂଶୁ ରାୟ, ଭକ୍ତଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ ଆଗରେ କଳାକାରଙ୍କ ଧାରଣା

ବ୍ରହ୍ମଗିରି/କୃଷ୍ଣପ୍ରସାଦ, ୧୫।୧୦ (ଡି.ଏନ.ଏ.): ଆଠ ମାସ ଧରି କଳାକାର ଭତ୍ତା ନ ମିଳିବାରୁ ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକର କଳାକାରମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ସୂଚନା ଅନୁଯାୟୀ, ଏହି ବ୍ଲକର ୨୧୧ଜଣ କଳାକାର ସରକାରଙ୍କଠାରୁ କଳାକାର ଭତ୍ତା ପାଇ ଆସୁଥିଲେ। କିନ୍ତୁ ୮ ମାସ ହେବ ଏହି ଭତ୍ତା ତାଙ୍କୁ ମିଳି ନାହିଁ। ଏହି କଳାକାରଙ୍କ ମଧ୍ୟରୁ ଅନେକ ଦିବ୍ୟାଙ୍ଗ ଅଛନ୍ତି। ଏହାସହ ଏହି କଳାକାରମାନେ କଳାକାର ଭତ୍ତାରେ ସାମିଲ ହେବା ପରେ ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତାରୁ ବାଦ୍ ପଡିଛନ୍ତି। କଳାକାରମାନେ ସରକାରଙ୍କଠାରୁ ସାମୟିକ ସାହାଯ୍ୟ ପାଇ ଚଳୁଥିବାବେଳେ ଏହି ଭତ୍ତା ବନ୍ଦ ହେବା କାରଣରୁ ଏମାନେ ଚଳିବା କଷ୍ଟକର ହୋଇପଡୁଛି। ଏ ନେଇ ସୁବାସ ଜେନା ଓ ସୁକାନ୍ତ ଜେନାଙ୍କ ନେତୃତ୍ୱରେ ଏହି କଳାକାରମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅଭିମନ୍ୟୁ ମାଝି ଏମାନଙ୍କ ବକେୟା ଭତ୍ତା ୩୦ଦିନ ମଧ୍ୟରେ କରିଦେବା ସହ ପ୍ରତିମାସରେ ସେମାନଙ୍କ ଭତ୍ତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ହଟିଥିଲେ।

### ଋଣ ଆଦାୟକାରୀଙ୍କୁ ଭୁଜାଲିରେ ଆକ୍ରମଣ

ନିମାପଡ଼ା,୧୫।୧୦(ଡି.ଏନ୍.ଏ.): ନିମାପଡ଼ାସ୍ଥିତ ଏକ ଘରୋଇ ବ୍ୟାଙ୍କର ଋଣ ଆଦାୟକାରୀ ଅଧିକାରୀ ରଞ୍ଜିତ୍ ମିଶ୍ରଙ୍କୁ ମଙ୍ଗଳବାର ଦୁଇ ଲୁଟେରା ଭୁଜାଲିରେ ଆକ୍ରମଣ କରିଛନ୍ତି। ଏହା ସହ ତାଙ୍କ ନିକଟରେ ଥିବା କଲେକ୍ସନ ମେଶିନ, ରେଜିଷ୍ଟର, କାଗଜପତ୍ର ଥିବା ଏକ ବ୍ୟାଗ ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ରଞ୍ଜିତ୍‌ଙ୍କ ଅଭିଯୋଗକୁ ଭିତ୍ତିକରି ନିମାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଫନୀ କ୍ଷତିଗ୍ରସ୍ତଙ୍କ ବ୍ଲକ ଆଗରେ ଧାରଣା

ବ୍ରହ୍ମଗିରି,୧୫।୧୦(ଡି.ଏନ.ଏ.): ବ୍ରହ୍ମଗିରି ବ୍ଲକରେ ଫନୀ ବାତ୍ୟାରେ ହୋଇଥିବା ଘରଭଙ୍ଗା କ୍ଷୟକ୍ଷତିରେ ହିତାଧିକାରୀ ଚୟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏଥିରୁ ବଞ୍ଚିତ ଥିବା କ୍ଷତିଗ୍ରସ୍ତମାନେ ମଙ୍ଗଳବାର ବ୍ରହ୍ମଗିରି ବ୍ଲକ ବିଡିଓଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ସୂଚନାଯୋଗ୍ୟ, ଫନୀରେ ଏହି ବ୍ଲକରେ ହୋଇଥିବା କ୍ଷୟକ୍ଷତିରେ ଘରଭଙ୍ଗା ତାଲିକା ପ୍ରସ୍ତୁତ କରିବା ପାଇଁ ସରକାରୀ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। କିନ୍ତୁ ଏହି କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ତାଲିକାରେ ଅନିୟମିତତା ହେବା ସହ କେତେକ ହିତାଧିକାରୀ ବାଦ ପଡିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସମାଧାନ କରାଯାଇ ନଥିଲା। ଫଳରେ ମଙ୍ଗଳବାର ଘରଭଙ୍ଗା ସହାୟତାରୁ ବଞ୍ଚିତଥିବା ହିତାଧିକାରୀମାନେ ନିଜ ଆବେଦନ ପତ୍ର ଆଣି ବ୍ଲକ ଅଫିସକୁ ଆସିଥିଲେ। କିନ୍ତୁ ଏହି ଆବେଦନ ପତ୍ରକୁ ସମ୍ପୃକ୍ତ କର୍ମଚାରୀମାନେ ଗ୍ରହଣ ନ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ପରେ ହିତାଧିକାରୀ ଚୟନରେ ଜାଣିଶୁଣି ଦୁର୍ନୀତି କରାଯାଉଥିବାର ଅଭିଯୋଗ କରି ବିଡିଓଙ୍କ ଅଫିସ ସମ୍ମୁଖରେ ବସି ରହିଥିଲେ। ପରେ ବିଡିଓ ପହଞ୍ଚି ଦାବିପତ୍ର ଗ୍ରହଣ କରିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସଂସ୍କୃତି ପରସ୍ପରକୁ ଯୋଡ଼େ

ପୁରୀ ଅଫିସ, ୧୫।୧୦

**କୁମାରୋତ୍ସବର ୨ୟ ଦିନ**



କଳାକାରମାନେ ମଞ୍ଚରେ ନୃତ୍ୟ ପରିବେଷଣ କରୁଛନ୍ତି।

କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ଶରଧାବାଲିଠାରେ ଚାଲିଥିବା ୫୨ତମ କୁମାରୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ଦିନ। ସମିତି ସଭାପତି ସେବାୟତ ଗୋପାଳ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାର ସଭାପତି ପ୍ରେମାନନ୍ଦ ମହାନ୍ତି, ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ତଥା ନାଟ୍ୟକାର ଲକ୍ଷ୍ମୀଧର ପଣ୍ଡା, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ ମିଶ୍ର, ରତନ କୁମାର ଦାସ, ବରିଷ୍ଠ ସେବାୟତ ମଧୁସୂଦନ ସିଂଘାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସ୍କୃତିର ବିକାଶରେ କଳାକାର ମାନଙ୍କ ବିଶେଷ ଭୂମିକା ରହିଛି। ପୂଜ୍ୟପୂଜା ହେଉଛି ସମାଜର ପ୍ରତୀକ। ଗୋଟିଏ ଦେଶର ବିକାଶରେ ସେ ଦେଶର ସାଂସ୍କୃତିକ ବିଭବର ବିକାଶ ଜରୁରୀ। ସଂସ୍କୃତି ପରସ୍ପରକୁ ଯୋଡିଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। କୁମାର ଉତ୍ସବର ଦ୍ୱିତୀୟ ଦିବସରେ ରୁପା ଆଣ୍ଡ ଟ୍ରୁପ ପକ୍ଷରୁ ନବ ଦୁର୍ଗା ଆକର୍ଷଣ ସାଜିଥିଲା। ସୁରଜିତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶିଳ୍ପୀ ଏଣ୍ଟରଟେନମେଣ୍ଟର ନୃତ୍ୟଶିଳ୍ପୀମାନେ ମହାରାଷ୍ଟ୍ରର ଲାଭନୀ ଓ ସମ୍ବଲପୁରୀ ଏବଂ ଶ୍ରୀକ୍ରିଷ୍ଣା କଲଚରାଲ ଏକାଡେମୀର କଳାକାର ମାନେ ଲୋକନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାର ଶେଷ ଅର୍ଘ୍ୟରେ କୁମାର ଉତ୍ସବ ସମିତି ପକ୍ଷରୁ ଯୁବ ନାଟ୍ୟକାର ସନ୍ତୋଷ କୁମାର ମହାନ୍ତି ନିର୍ଦ୍ଦେଶିତ ତଥା ସଂଗ୍ରାମ ମିଶ୍ର ରଚିତ ନାଟକ ଇଏ କେମିତିକା ପ୍ରେମ ପରିବେଷିତ ହୋଇଥିଲା। ଏକ ନିଆରା ପ୍ରେମ କାହାଣୀ ଉପରେ ପରିବେଷିତ ଏହି ନାଟକ ଦର୍ଶକଙ୍କୁ ମନଛୁଇଁ ଥିଲା। ନାଟ୍ୟକାର ଭରତ ନାୟକ ଓ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।



ହବିଷିଆଳିମାନେ ସନ୍ଧ୍ୟା ସମୟରେ ଆକାଶ ଦୀପ ଉଠାଉଛନ୍ତି।

■ ହବିଷିଆଳି ଆଶ୍ରୟସ୍ଥଳୀରୁ...

## ସ୍ନାନ ପାଇଁ ଖୋଜୁଛନ୍ତି ପୁଷ୍କରିଣୀ

ପୁରୀ ଅଫିସ, ୧୫।୧୦

ଆରମ୍ଭ ହୋଇଛି କାର୍ତ୍ତିକ ବ୍ରତ। ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ପୁରୀରେ ରହୁଛନ୍ତି ବ୍ରତଧାରୀ। ଏଥିପାଇଁ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ପୌରସଂସ୍ଥା କଲ୍ୟାଣମଣ୍ଡପ ଏବଂ ନରେନ୍ଦ୍ରକୋଣ ସ୍ଥାୟୀ ହବିଷିଆଳି କେନ୍ଦ୍ରରେ ତିନୋଟି ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି। ଏହି ଆଶ୍ରୟସ୍ଥଳୀରେ ହବିଷିଆଳି ମାଗଣାରେ ରହୁଥିବା ବେଳେ ଆହୁରି ଅନେକ ବିଭିନ୍ନ ମଠ ଓ ଧର୍ମଶାଳାରେ ରହୁଛନ୍ତି। ସକାଳୁ ଉଠି ସ୍ନାନ କରିବା ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଏହାପରେ ଚଉରା ମୂଳେ ରାଇଦାମୋଦର ପୂଜା କରୁଛନ୍ତି। ଏମିତି ଠାକୁରଙ୍କ ନାମ ଜପରେ ବିତୁଛି ହବିଷିଆଳିଙ୍କ ଦିନ। ମଙ୍ଗଳବାର ଥିଲା କାର୍ତ୍ତିକ ବ୍ରତର ଦ୍ୱିତୀୟ ଦିନ। ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏମିତି ଆଶା ବାନ୍ଧିଥିବା ହବିଷିଆଳିଙ୍କୁ ଏବେ ନିରାଶ ହେବାକୁ ପଡିଛି। ସରକାରଙ୍କ ପକ୍ଷରୁ ହବିଷିଆଳିଙ୍କ ପାଇଁ ଯେଉଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି ସେଠାରେ ସ୍ନାନ, ଶୌଚ ଲାଗି ସମସ୍ତ ସୁବିଧା କରାଯାଇଛି। ଏହାସତ୍ତ୍ୱେ କେତେଜଣ ହବିଷିଆଳି ତୀର୍ଥ ପୁଷ୍କରିଣୀ ମୋହରେ ପଡିଛନ୍ତି। ଧର୍ମ କରିବାକୁ ଆସିଛୁ। ଆମେ ତୀର୍ଥ ପୁଷ୍କରିଣୀରେ ଗାଧୋଇବୁ। ଏମିତି କେତେଜଣ ହବିଷିଆଳି ଜିଦ୍ କରୁଛନ୍ତି। ମଙ୍ଗଳବାରେ ପୌରସଂସ୍ଥା କ୍ୟାଲ୍ୟାଣ ମଣ୍ଡପରେ ରହୁଥିବା ଖୋର୍ଦ୍ଧାର ଗଗନି କହିଥିଲେ, ଗତବର୍ଷ ଜଗନ୍ନାଥ ବଲ୍ଲଭରେ ଥିଲୁ। ଭୋରରୁ ନରେନ୍ଦ୍ର ପୁଷ୍କରିଣୀରେ ଯାଇ ସ୍ନାନ କରୁଥିଲୁ। ଭଲ ଲାଗୁଥିଲା। ହେଲେ ଏଠି ଟ୍ୟାପ୍ ପାଣିରେ ଗାଧୋଇବାକୁ ପଡୁଛି। ତେବେ ଯାହା ବି ହେଉ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଏହି ଅବୁଝା ହବିଷିଆଳିଙ୍କୁ ବି ବୁଝାଇବାକୁ ପଡୁଛି।

ପ୍ରଶାସନ ପକ୍ଷରୁ ସବୁ ଆଶ୍ରୟସ୍ଥଳୀରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ହବିଷିଆଳିମାନେ ଏକାଠି ବସି ଦାସକାଠିଆ, ପାଲା ଓ ସଂକୀର୍ତ୍ତନ ଶୁଣୁଛନ୍ତି।ମଙ୍ଗଳବାର ନରେନ୍ଦ୍ରକୋଣ ଆଶ୍ରସ୍ଥଳୀରେ ଲକ୍ଷ୍ମୀଧର ସ୍ୱାଇଁ ଓ ସାଥୀ ସଂକୀର୍ତ୍ତନ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ପରମାନନ୍ଦ ପାଣି ଓ ସାଥୀ ଦାସକାଠିଆ ଏବଂ କଲ୍ୟାଣ ମଣ୍ଡପରେ ହରି ଜେନା ଓ ସାଥୀ ପାଲା ପରିବେଷଣ କରିଥିଲେ।

## ଶାରଦୀୟ କୁଞ୍ଜେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

କଣାସ, ୧୫।୧୦(ସ୍ୱ.ପ୍ର.)

କଣାସ ପଞ୍ଚାୟତର ଦଶହରା ପଡ଼ିଆରେ ଜନମଙ୍ଗଳ କ୍ଲବ ପକ୍ଷରୁ ଗତ ୮ଦିନ ଧରି ଚାଲିଥିବା ଚତୁର୍ଦ୍ଦଶ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇ ଯାଇଛି। ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ମହାରାଜାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦେବ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁରଥ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜନମଙ୍ଗଳ କ୍ଲବର ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ, ବାଦଲପୁର ମଠାଧୀଶ ସନାତନ ଦାଶ ମହାରାଜ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ୪୭୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ମହେଶ୍ୱର ହାତୀ, ବ୍ଲକ କର୍ମଚାରୀ ମାର୍କଣ୍ଡ ପ୍ରଧାନ, ସ୍ୱାସ୍ଥ୍ୟକର୍ମୀ ଗୋଲାପରାଣୀ ଜାନୀ ଓ କୃଷ୍ଣଚନ୍ଦ୍ର ବରାଳ, ଗୃହରକ୍ଷୀ ବସନ୍ତ ଆଚାର୍ଯ୍ୟ, ଗ୍ରାମରକ୍ଷୀ ପ୍ରସନ୍ନ ସେଠୀ ଏବଂ ପ୍ରାଣୀ ଚିକିତ୍ସାରେ ନିରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗର୍ଭବତୀଙ୍କୁ ଘରୋଇ କ୍ଲିନିକ୍ ପଠାଇବାରୁ ଉତ୍ତେଜନା

ପୁରୀ ଅଫିସ, ୧୫।୧୦

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ଜଣେ ଗର୍ଭବତୀଙ୍କୁ ଜଣେ ଡାକ୍ତର କେତେକ ଟେଷ୍ଟ ପାଇଁ ଘରୋଇ କ୍ଲିନିକ୍ ଯିବାକୁ କହିବାରୁ ଉତ୍ତେଜନା ଦେଖାଦେଇଥିଲା। ସଂପୃକ୍ତ ଗର୍ଭବତୀଙ୍କ ସମ୍ପର୍କୀୟଙ୍କ ସମେତ ଅନ୍ୟ ରୋଗୀମାନେ ଏହାର ବିରୋଧ କରିଥିଲେ। ଖବରପାଇ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିବା ପରେ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେଇଥିଲେ। ଏନେଇ ସିଡିଏମଓ ନୀଳକଣ୍ଠ ମିଶ୍ର କୁହନ୍ତି ଘଟଣାର ତଦନ୍ତ କରାଯିବ। ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁରୀ ସଦର ଖଣ୍ଡିଆବନ୍ଧ ଗ୍ରାମର କୈଳାସ ପ୍ରଧାନଙ୍କ ସ୍ତ୍ରୀ ରୁବିନା ଗର୍ଭବତୀ ରହିଛନ୍ତି। ମଙ୍ଗଳବାର ସକାଳେ ତାଙ୍କର ଯନ୍ତ୍ରଣା ହେବାରୁ କୈଳାସ ସମ୍ପର୍କିୟଙ୍କ ସହିତ ତାଙ୍କୁ ମେଡିକାଲକୁ ଆଣି ପ୍ରସୂତି ଓ ଶିଶୁଯତ୍ନକେନ୍ଦ୍ର ଅପରେସନ ଗୃହରେ ଭର୍ତ୍ତି କରିଥିଲେ। ସେହି ସମୟରେ ଡ୍ୟୁଟିରେ ଥିବା ଡାକ୍ତର ତାଙ୍କୁ ମେଡିକାଲରେ ଅଲଟ୍ରାସାଉଣ୍ଡ ମେସିନ ଖରାପ ଥିବା ଦର୍ଶାଇ ବାହାର ଟେଷ୍ଟ କରିବାକୁ କହିଥିଲେ। କୈଳାସ ଡାକ୍ତରଙ୍କ ପରାମର୍ଶ କ୍ରମେ ଘରୋଇ କ୍ଲିନିକ୍‌ରୁ ଅଲଟ୍ରାସାଉଣ୍ଡ କରି ଆଣିଥିଲେ। ପରେ ରୁବିନାଙ୍କ ଦେହ ଭୀଷଣ ଖରାପ ରହିଥିବା ଏବଂ ଏଠାରେ କୌଣସି ସୁବିଧା ନାହିଁ କହି ଏକ ଘରୋଇ କ୍ଲିନିକ୍ ନେବା ଲାଗି ପରାମର୍ଶ ଦେଇଥିଲେ। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ଅନ୍ତର୍ଜାତୀୟ ଧଳାବାଡ଼ି ଦିବସ



ଅନ୍ତର୍ଜାତୀୟ ଧଳାବାଡି ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

ନିମାପଡ଼ା,୧୫।୧୦(ଡି.ଏନ୍.ଏ.)

ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପି.ପି.ଡବ୍ଲ୍ୟୁ.ଓ) ପକ୍ଷରୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ରୋଟାରୀ କ୍ଲବ ଭୁବନେଶ୍ୱରର ସହାୟତାରେ ଅନ୍ତର୍ଜାତୀୟ ଧଳାବାଡ଼ି ଦିବସ ମଙ୍ଗଳବାର ସ୍ଥାନୀୟ ଟାଉନହଲଠାରେ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ରାଜ୍ୟ ଭିନ୍ନକ୍ଷମ ଆୟୋଗର ଆୟୁକ୍ତ ସୁଲୋଚନା ଦାସ, ନିମାପଡ଼ା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ରୋଟାରୀ କ୍ଲବ ଭୁବନେଶ୍ୱରର ସଭାପତି ନିଖିଳେଶ୍ୱର ସାହୁ, ପୃଥ୍ୱିରାଜ ପଟ୍ଟନାୟକ, ନିମାପଡ଼ା ରିମେଡିଆଲ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ବିକ୍ରମ କେଶରୀ ସାମଲ, ପି.ପି.ଡବ୍ଲ୍ୟୁ.ଓର ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପି.ପି.ଡବ୍ଲ୍ୟୁ.ଓର ସଭାପତି ରାଜକିଶୋର ସାବୁତ ଅଧ୍ୟକ୍ଷତା କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରତ୍ନାକର ଦାଶ ଉଚ୍ଚ ମାଧ୍ୟମିକ ଦୃଷ୍ଟିହୀନ ବିଦ୍ୟାଳୟ, ସ୍ୱତନ୍ତ୍ର ବିଇଡି କଲେଜର ଶତାଧିକ ଛାତ୍ରୀଛାତ୍ର ଓ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଦୃଷ୍ଟିବାଧିତ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟାପକ ପଙ୍କଜ ପଟ୍ଟନାୟକ, ମନସାଦେବୀ ବର୍ମା, ଧନସିଂ ନାଗର, ତେଜରାଜ ସେଠ୍, ପ୍ରଭାତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଦିଲୀପ ସ୍ୱାଇଁ ହତ୍ୟାକାଣ୍ଡ: ଜେଲ୍ ଗଲେ ମୁଖ୍ୟ ଅଭିଯୁକ୍ତ ମୁନା

## ବାଇକ ସାଇଡ୍ ନେଇ ହୋଇଥିଲା ଗଣ୍ଡଗୋଳ

ପୁରୀ ଅଫିସ, ୧୫।୧୦

ଅସ୍ତରଙ୍ଗ ଥାନା ଅଠତିରା ଗ୍ରାମର ଦିଲୀପ ସ୍ୱାଇଁ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଦୁର୍ଦ୍ଧାନ୍ତ ଅପରାଧୀ ରାଧାମୋହନ ବିଶ୍ୱାଳ ଓରଫ ମୁନା ଜେଲ୍ ଯାଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଅସ୍ତରଙ୍ଗ ପୋଲିସ ମୁନାଙ୍କୁ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍‌ରୁ ଗିରଫ କରିଥିଲା। ପରେ ମଙ୍ଗଳବାର ତାଙ୍କୁ ନିମାପଡ଼ା କୋର୍ଟରେ ହାଜର କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇଦିଆଯାଇଛି। ବାଇକ ସାଇଡ ଦେବାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି ପୁରୀ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା ସୂଚନା ଦେଇଛନ୍ତି। ମୁନାଙ୍କ ବିରୋଧରେ ଅସ୍ତରଙ୍ଗ ସମେତ ଅସ୍ତରଙ୍ଗ ମେରାଇନ, ଭୁବନେଶ୍ୱର ସ୍ଥିତ ନୟାପଲ୍ଲୀ ଓ ଖଣ୍ଡଗିରି ଥାନାରେ ୫ଟି କେସ୍ ରହିଛି। ଦିଲୀପ ହତ୍ୟାକାଣ୍ଡ ଘଟଣା ପରଠାରୁ ମୁନା ଫେରାର ରହିଥିଲେ। ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟଣାରେ ମହାପ୍ରସାଦ ବେହେରା ଓ କୈଳାଶ ବେହେରାଙ୍କୁ ପୋଲିସ ଗିରଫ କରିଥିଲା। ଦିଲୀପଙ୍କ ଭାଇ ରାଜେଶଙ୍କ ଅଭିଯୋଗ କ୍ରମେ ଅସ୍ତରଙ୍ଗ ଥାନାରେ ପୋଲିସ ୯୯/୧୯ରେ ଏକ ମାମଲା ରୁଜୁ କରିଥିଲା।

## 'ପ୍ରଫୁଲ୍ଲ' ଯୋଜନାର ଶୁଭାରମ୍ଭ

ସାକ୍ଷୀଗୋପାଳ,୧୫।୧୦(ଡି.ଏନ୍.ଏ.)



ସତ୍ୟବାଦୀ ବ୍ଲକରେ ଆରମ୍ଭ ହୋଇଥିବା ପ୍ରଫୁଲ୍ଲ ଯୋଜନାରେ ଯୋଗଦେଇଥିବା ହିତାଧିକାରୀ।

ପୁରୀ ଜିଲା ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର 'ପ୍ରଫୁଲ୍ଲ' ଯୋଜନାର ଶୁଭାରମ୍ଭ ହୋଇଛି। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡିପିସି ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ସତ୍ୟବାଦୀ ବିଡିଓ ସରୋଜ ଦତ୍ତ, ଜିଲା ସମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ, ଉପଖଣ୍ଡ ସମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ ପାତ୍ର, ପ୍ରଫୁଲ୍ଲ ଯୋଜନାର ଜିଲା ପରାମର୍ଶ ଦାତା ସନ୍ତୋଷ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ୧୦୨ଜଣ ମାନସିକ ଅନଗ୍ରସର, ୭୩ଜଣ ଦୃଷ୍ଟି ବାଧିତ, ୮୧ଜଣ ଶ୍ରବଣ ବାଧିତ, ୫୧୦ଜଣ ଚଳନ ବାଧିତ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯାଇଛି।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ପୁରୀ ଅଫିସ,୧୫।୧୦

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପୁରୀ ପୌରାଞ୍ଚଳ ଏବଂ ସଦର ମଣ୍ଡଳସ୍ତରୀୟ ପଞ୍ଚମ ଶ୍ରେଣୀ ପ୍ରାଥମିକ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସର୍ବସାଧାରଣ ବର୍ଗ ଏବଂ ଗରିବ ମେଧାବୃତ୍ତିରେ ମୋଟ ୨୮ ଜଣ ବିଦ୍ୟାର୍ଥୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମସ୍ତ ବୃତ୍ତିଧାରୀମାନଙ୍କୁ ମାସିକ ୨୦୦ ଟଙ୍କା ହିସାବରେ ଦୁଇବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ।

## ବାଟଗାଁଠୁ ମେଡିକାଲ ଛକ ରାସ୍ତା ହେବ ଚାରିଲେନ୍

ପୁରୀ ଅଫିସ, ୧୫।୧୦

ପୁରୀର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପ୍ରକଳ୍ପ ଘୋଷଣା କରିଛନ୍ତି। ପର୍ଯ୍ୟଟନ ଭିତ୍ତିଭୂମି ସାଙ୍ଗକୁ ରାସ୍ତାଘାଟର ବିକାଶ ଲାଗି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଦିନକୁ ଦିନ ପୁରୀକୁ ଗାଡିମୋଟର ଅଧିକ ସଂଖ୍ୟାରେ ଆସୁଥିବାରୁ ଟ୍ରାଫିକ ଜାମ୍ ହେଉଛି। ତେଣୁ ରାସ୍ତାଘାଟ ସମ୍ପ୍ରସାରଣ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ବାଟଗାଁ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତା ଚାରିଲେନ୍ ବିଶିଷ୍ଟ ହେବ। ସେହିପରି ହୋଟେଲ ପ୍ରାଚୀଠାରୁ ଷ୍ଟର୍ଲିଂ ରିସର୍ଟ୍ସ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସମ୍ପ୍ରସାରଣ କରାଯିବ। ଏଥିପାଇଁ ମଙ୍ଗଳବାର ଟେଣ୍ଡର ଡକାଯାଇଛି। ବାଟଗାଁ ଛକରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତା କାମ ୧୧ ମାସ ଭିତରେ ଏବଂ ହୋଟେଲ ପ୍ରାଚୀଠାରୁ ଷ୍ଟର୍ଲିଂ ରିସର୍ଟ୍ସ କାମ ୭ ମାସ ମଧ୍ୟରେ ଶେଷ କରିବାକୁ ଟେଣ୍ଡରରେ ଉଲ୍ଲେଖ ରହିଛି।

## ପରିଶ୍ରମୀ ହୁଅ, ଦୃଢ଼ ମନୋବଳ ରଖ

ପୁରୀ ଅଫିସ, ୧୫।୧୦

ଶିଶୁ ସମାଚାର ଆନୁକୂଲ୍ୟରେ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ଜୟନ୍ତୀ (ବିଶ୍ୱ ବିଦ୍ୟାର୍ଥୀ ଦିବସ) ଅବସରରେ ଏକ ଆଲୋଚନା ଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକରୀ ଗୁରୁପ୍ରୀତ ସିଂ, ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା, ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ସାମାଜିକ କର୍ମୀ ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ପରିଶ୍ରମୀ ହୁଅ ଏବଂ ଦୃଢ଼ ମନୋବଳ ରଖି ନିଷ୍ଠା ଓ ଏକାଗ୍ରତାର ସହିତ ଅଧ୍ୟୟନ କର ବୋଲି କହିଥିଲେ। ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସିଆରସିସି ଚିନ୍ମୟୀ ଗଜେନ୍ଦ୍ର, ଜ୍ୟୋତିପ୍ରକାଶ ମହାରଣା ଏବଂ ଛାତ୍ର ମହାବୀର ପ୍ରସାଦ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘରଭଙ୍ଗା ସହାୟତା ରାଶି ପ୍ରଦାନରେ ଅନିୟମିତତା

ଗୋପ, ୧୫।୧୦(ଡି.ଏନ୍.ଏ)

**କାର୍ଯ୍ୟାନୁଷ୍ଠାନ ଦାବିରେ ତହସିଲ ଆଗରେ ବିପନ୍ନଙ୍କ ଧାରଣା**



ଗୋପ ତହସିଲ ଅଧୀନ ବୀରତୁଙ୍ଗ ପଞ୍ଚାୟତରେ ଘରଭଙ୍ଗା ସହାୟତା ରାଶି ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ୪୦ରୁ ଊର୍ଦ୍ଧ୍ୱ ବିପନ୍ନ ମଙ୍ଗଳବାର ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ। ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେମାନେ ଦାବି କରିଥିଲେ। ସେହିପରି ଦୁଇଦିନ ଧରି ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ଅନୁପସ୍ଥିତ ରହିଥିବାରୁ ବୁଧବାର ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେବେ ବୋଲି ବିପନ୍ନମାନେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ଫନୀ ବାତ୍ୟା ପରେ ଗୋପ ତହସିଲର ଅଧିକାଂଶ ପଞ୍ଚାୟତରେ ଘରଭଙ୍ଗା ସହାୟତା ରାଶି ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଆସୁଛି। ବିଶେଷକରି ବୀରତୁଙ୍ଗ ଗ୍ରାମପଞ୍ଚାୟତରେ ଧନୀକ ଶ୍ରେଣୀର ବ୍ୟକ୍ତିଙ୍କୁ ୯୫,୧୦୦ ଟଙ୍କା ସହାୟତା ରାଶି ଦିଆଯାଉଥିବାବେଳେ ବାସ୍ତବ ପକ୍ଷେ ବାତ୍ୟାରେ ସର୍ବସ୍ୱ ହରାଇଥିବା ବିପନ୍ନଙ୍କୁ ବଞ୍ଚିତ କରାଯାଉଛି। ଗୀତାଞ୍ଜଳି କାଣ୍ଡିଙ୍କ ନେତୃତ୍ୱରେ ନଳିନୀ ଦାସ, ପ୍ରଦୀପ୍ତ କାଣ୍ଡି, ମାଳତି କାଣ୍ଡି, ସମୀର ଦାସ, ବସନ୍ତ ଦାସ, ଡଲି ଦେଈ ପ୍ରମୁଖ ଧାରଣାରେ ବସିଥିଲେ। ତହସିଲ କର୍ମଚାରୀମାନେ ମୋଟା ଅଙ୍କର ଅର୍ଥ ନେଇ କୋଠାଘର ଥିବା ବ୍ୟକ୍ତିଙ୍କ ନାମ ସହାୟତା ରାଶି ତାଲିକାରେ ସାମିଲ କରିଥିବା ବିପନ୍ନମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ମୋବାଇଲ ଫୋନ୍ ନଂ ୯୪୩୯୬୬୭୬୬୮ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ଲାଗି ନଥିଲା।